# ପର୍ଯ୍ୟବେକ୍ଷକ

ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ 25

Vol.26 . No.104 Bhubaneswar Sunday May 28 2023 | ୨୬ତମ ବର୍ଷ ସଂଖ୍ୟା–୧୦୪ ଭୁବନେଶ୍ୱର, ରବିବାର, ମଇ ୨୮, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS


## ନବ ଦାସ ହତ୍ୟା ମାମଲାରେ ଏଫବିଆଇ ସହାୟତା ପ୍ରସଙ୍ଗ: ଗୃହ ମନ୍ତ୍ରଣାଳୟ ଉତ୍ତରକୁ ବୋଥ୍ରାଙ୍କ ଖଣ୍ଡନ



ଭୁବନେଶ୍ୱର, ୨୭।୫(ପି.ଏନ): ନବ ଦାସ ହତ୍ୟା ମାମଲାରେ ଏଫ୍‌ବିଆଇ ସହାୟତା ମଗାଯିବା ଦ୍ୱନ୍ଦ୍ୱ ପ୍ରସଙ୍ଗରେ କ୍ରାଇମବ୍ରାଞ୍ଚର ଦେଇଛି ପ୍ରେସ୍ ରିଲିଜ୍। ଯେଉଁଥିରେ ଗୃହ ମନ୍ତ୍ରଣାଳୟ ଉତ୍ତରକୁ କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା ଖଣ୍ଡନ କରିଛନ୍ତି। ଏଫ୍‌ବିଆଇ ସହାୟତା ପାଇଁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଫେବ୍ରୁଆରୀ ୨୨ରେ ଚିଠି ନଂ ୧୮୭/ ଗ'ରେ ଏମ୍‌ଏଚ୍‌ଏକୁ ଚିଠି କରାଯାଇଥିବା ପ୍ରେସ୍ ରିଲିଜ୍‌ରେ ଉଲ୍ଲେଖ କରିଛି କ୍ରାଇମବ୍ରାଞ୍ଚ। ପ୍ରେସ୍ ରିଲିଜ୍‌ରେ କୁହାଯାଇଛି- ଗୋପାଳର ମାନସିକ ସ୍ଥିତି ଠିକ ନଥିବା ତାହାର ପରିବାର ଲୋକ କହିଥିଲେ, ତେବେ ମେଡିକାଲ ଟିମ୍ ଦ୍ୱାରା ଯାଞ୍ଚରୁ ସେ ମେଣ୍ଟାଲି ଫିଟ୍ ଥିବା ଜଣାପଡ଼ିଥିଲା, ଅଧିକ ସ୍ୱଷ୍ଟତା ପାଇଁ CFSL, SFL, SCB ସହାୟତା ବି ନିଆଯାଇଥିଲା। ଅଧିକ ସ୍ୱଷ୍ଟତା ପାଇଁ ଋଇଓ ଦ୍ୱାରା ଯାଞ୍ଚ ପାଇଁ ସ୍ଥିର କରାଯାଇଥିଲା। ନିୟମାନୁସାରେ କୌଣସି ରାଜ୍ୟ ସରକାର ସିଧା ଋଇଓକୁ ଏବାବଦରେ କହିପାରିବେନି। ସୁତରାଂ ଏନେଇ କେନ୍ଦ୍ର ଗୃହ ମନ୍ତ୍ରାଳୟକୁ ଜଣାଇଥିଲୁ ବୋଲି କ୍ରାଇମ୍‌ବ୍ରାଞ୍ଚ ପ୍ରେସ୍ ରିଲିଜ୍‌ରେ କହିଛି।ଜାନୁଆରୀ ୨୯ ତାରିଖରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କୁ ଗୁଳି କରି ହତ୍ୟା କରିଥିଲା ଏଏସଆଇ ଗୋପାଳ ଦାସ। ଫେବ୍ରୁଆରୀ ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରେ ଏ ନେଇ ବିବୃତି ଦେଇ କହିଥିଲେ, ଅଭିଯୁକ୍ତ ଗୋପାଳର ମାନସିକ ବ୍ୟବହାର ସଂପର୍କରେ ଠିକ ଭାବେ ଜାଣିବା ପାଇଁ ଆମେରିକାର ପୁଲିସ୍(ଫେଡେରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍ ବା ଏଫବିଆଇ)ର ସହାୟତା ନିଆଯିବ। ଏଥିପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଅନୁମତି ମାଗିଛି ରାଜ୍ୟ କ୍ରାଇମ୍ ବ୍ରାଂଚ୍। ମାର୍ଚ୍ଚ ୨୭ ତାରିଖରେ ବି ରାଜ୍ୟ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ଏ ନେଇ ଲିଖିତ ଉତ୍ତର ଦେଇଥିଲେ। ସେଥିରେ ଗୃହ ମନ୍ତ୍ରଣାଳୟର ଉତ୍ତରକୁ ଅପେକ୍ଷା କରାଯାଇଛି ବୋଲି ମନ୍ତ୍ରୀ ବେହେରା ଦର୍ଶାଇଥିଲେ।

### ନୀତି ଆୟୋଗର ବୈଠକରେ ଯୋଗ ଦେଲେ ନାହିଁ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୫(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା ନୀତି ଆୟୋଗର ଗଭର୍ନିଂଗ କାଉନସିଲର ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇ ନାହାନ୍ତି। ସେ କେଉଁ କାରଣରୁ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଲେ ନାହିଁ ତାହାକୁ ନେଇ କୌଣସି ପ୍ରକାର କାରଣ ସ୍ପଷ୍ଟ କରାଯାଇ ନାହିଁ। ତେବେ ତାଙ୍କ ଚଳିତ କାର୍ଯ୍ୟକାଳର ଚତୁର୍ଥ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ବିଭାଗର ସମୀକ୍ଷା କାର୍ଯ୍ୟକ୍ରମ ପୂର୍ବରୁ ନିର୍ଧାରିତ ହୋଇଥିବାରୁ ସେ ଏହି ବୈଠକରେ ଯୋଗ ଦେଇ ନ ଥିବା କୁହା ଯାଉଛି।

### ଛତିଶଗଡ଼ରେ ନକ୍ସଲ-ଯବାନ ସଂଘର୍ଷ : ଜଣେ ବିଏସଏଫ ଯବାନ ଆହତ

କାଂକେର/ରାୟପୁର, ୨୭।୫(ପି.ଏନ): ଛତିଶଗଡ଼ ରାଜ୍ୟର କାଂକେର ଜିଲ୍ଲାର ବଡଗାଁଓ ଥାନା ଅଂଚଳରେ ଶନିବାର ନକ୍ସଲଙ୍କ ସହିତ ହୋଇଥିବା ସଂଘର୍ଷରେ ବିଏସଏଫର ଜଣେ ଯବାନ ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପଙ୍ଖାଜୁର ଅନୁବିଭାଗୀୟ ଅଧିକାରୀ ରବି କୁଜୁର ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଆହତ ଯବାନ ମେଂଣ୍ଡ୍ରା କ୍ୟାମ୍ପ ବିଏସଏଫ ୧୭୮ ବିଏନର ଅଟନ୍ତି। ସର୍ଚ୍ଚ ଅପରେସନରେ ଏହି କ୍ୟାମ୍ପର ଯବାନ ମାନେ ସେଠାକୁ ଯାଇଥିବା ବେଳେ ନକ୍ସଲଙ୍କ ସହିତ ମୁହାଁମୁହିଁ ହୋଇଥିଲା। ପ୍ରଥମେ ନକ୍ସଲ ମାନେ ଯବାନ ମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ପରେ ଯବାନ ମାନେ ଏହାର ପାଲଟା ଜବାବ ରଖିଥିଲେ। ନକ୍ସଲ ଓ ଯବାନଙ୍କ ମଧ୍ୟରେ ଘଟିଥିବା ଏହି ସଂଘର୍ଷରେ ଜଣେ ମହିଳା ନକ୍ସଲ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି। ସମ୍ପୃକ୍ତ ମହିଳା ଜଣକ ନକ୍ସଲ ସଂଗଠନ ଆରକେବି ଡିଭିଜନର ସଦସ୍ୟ ବୋଲି କୁହାଯାଉଛି।

## କେଜ୍ରିୱାଲଙ୍କୁ ସମର୍ଥନ କଲେ, ମୋଦିଙ୍କୁ ଅଧାଦେଶ ପ୍ରତ୍ୟାହାର ପାଇଁ କହିଲେ କେସିଆର



ନୂଆଦିଲ୍ଲୀ, ୨୭।୫(ପି.ଏନ): ଦିଲ୍ଲୀର ପ୍ରଶାସନିକ ପୋଷ୍ଟିଂ ଓ ବଦଳିକୁ ନେଇ କେନ୍ଦ୍ର ସରକାର ଆଣିଥିବା ଅଧାଦେଶ ବିରୋଧରେ ଗର୍ଜିଛନ୍ତି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓ। ଏହି ପ୍ରସଙ୍ଗରେ ସେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ସମର୍ଥନ କରିଥିବା ବେଳେ ଭାରତ ସରକାର ନିଦର ଉଠନ୍ତୁ ଓ ତୁରନ୍ତ ଜାରି କରିଥିବା ଅଧାଦେଶକୁ ପ୍ରତ୍ୟାହାର କରନ୍ତୁ ବୋଲି ଦାବି କରିଛନ୍ତି।କେନ୍ଦ୍ରର ଅଧାଦେଶ ବିରୋଧରେ ସମର୍ଥନ ହାସଲ କରିବା ପାଇଁ ଆଜି କେଜ୍ରିୱାଲ ତାଙ୍କ ପଞ୍ଜାବ ପ୍ରତିପକ୍ଷ ଭଗୱନ୍ତ ମାନଙ୍କୁ ସାଥୀରେ ଧରି ହାଇଦ୍ରାବାଦରେ କେସିଆରଙ୍କୁ ଭେଟିଥିଲେ। ଉଭୟଙ୍କ ସହ ଆଲୋଚନା କରିବା ପରେ କେସିଆର ଲୋକସଭା ଓ ରାଜ୍ୟସଭାରେ ତାଙ୍କ ଦଳର ସାଂସଦମାନେ ଅଧାଦେଶକୁ ମାତ୍ ଦେବା ପାଇଁ ସବୁ ପ୍ରକାରର ଉଦ୍ୟମ କରିବେ ବୋଲି କହିଛନ୍ତି। ଭେଟଘାଟ ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେସିଆର ବର୍ତ୍ତମାନର ସ୍ଥିତିକୁ ଏମର୍ଜେନ୍ସି ସହ ତୁଳନା କରିଛନ୍ତି ଓ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ତୁରନ୍ତ ସମସ୍ତଙ୍କ ମଙ୍ଗଳ ପାଇଁ ଅଧାଦେଶକୁ ପ୍ରତ୍ୟାହାର କରିବା ପାଇଁ କହିଛନ୍ତି।



କଂଗ୍ରେସ ଭବନଠାରେ ଆୟୋଜନ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କିମିଟି ସଭାପତି ଶରତ ପଟ୍ଟନାୟକଙ୍କ ଠାରୁ ଅଭିବାଦନ ଗ୍ରହଣ କରୁଛନ୍ତି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂ। ପାର୍ଶ୍ୱରେ ଉପସ୍ଥିତ ଅଛନ୍ତି ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ, କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ଓ ଅନ୍ୟ ନେତୃବୃନ୍ଦ

## ଚିରଞ୍ଜିବି ବିଶ୍ୱାଳ ଓ ମହମ୍ମଦ ମୁକିମ୍‌ଙ୍କୁ ହାଇକମାଣ୍ଡଙ୍କ ଜବାବ ତଲବ





ନୂଆଦିଲ୍ଲୀ, ୨୭।୫(ପି.ଏନ): ପୂର୍ବତନ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଚିରଞ୍ଜିବି ବିଶ୍ୱାଳ ଓ କଟକ ବିଧାୟକ ମହମ୍ମଦ ମୁକିମ୍‌ଙ୍କୁ ଦଳୀୟ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ହାଇକମାଣ୍ଡ ଜବାବ ତଲବ କରିଛନ୍ତି। କଂଗ୍ରେସ ରାଷ୍ଟ୍ରୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟିର ପ୍ରଭାରି ତାରିକ ଅନୱାର ଏକ ପତ୍ର ମାଧ୍ୟମରେ ଉଭୟଙ୍କୁ ୧୫ ଦିନ ଭିତରେ ଜବାବ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଗତ ଗତ ମଇ ୮ ତାରିଖରେ ପୂର୍ବେ ଉଭୟ କଂଗ୍ରେସ ନେତା ଭୁବନେଶ୍ୱର ଜୟଦେବଭବନଠାରେ 'ଜାନକୀ ବାବୁ ଓ ବସନ୍ତ ବାବୁଙ୍କ ଯୋଡ଼ି : ଓଡ଼ିଶା ରଜନୀତିର ସୁବର୍ଣ୍ଣ ଯୁଗ' ପ୍ରସଙ୍ଗରେ ଏକ ଆଲୋଚନାଚକ୍ର ଆୟୋଜନ କରିଥିଲେ। ଉକ୍ତ ସଭାରେ ଉଭୟ ନେତା କଂଗ୍ରେସ ରାଜ୍ୟ ନେତୃତ୍ୱ ଉପରେ ଅନେକ ଟିକା ଟିପ୍ପଣୀ ତଥା ନାକାରାତ୍ମକ ମନ୍ତବ୍ୟ ପ୍ରଦାନ କରିଥିଲେ। ଏହିପରି ସମାନ କାର୍ଯ୍ୟକ୍ରମ ଆଗାମୀ ଦିନରେ କଟକରେ ଆୟୋଜନ କରାଯାଉଥିବା ବିଶେଷ ସୂତ୍ରରୁ ପ୍ରକାଶ।

## ଜାପାନରେ ଭାରତର ରାଷ୍ଟ୍ରଦୂତଙ୍କୁ ଭେଟିଲେ ମନ୍ତ୍ରୀ ଅଶୋକ ପଣ୍ଡା

ଭୁବନେଶ୍ୱର, ୨୭।୫(ପି.ଏନ): ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଏବଂ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶନିବାର ଜାପାନରେ ଭାରତର ରାଷ୍ଟ୍ରଦୂତ ଶିବି ଜର୍ଜଙ୍କୁ ସାକ୍ଷାତ କରିଛନ୍ତି। ମନ୍ତ୍ରୀ ଶ୍ରୀ ପଣ୍ଡା ଓଡ଼ିଶା ପକ୍ଷରୁ ରାଷ୍ଟ୍ରଦୂତଙ୍କୁ ଅଭିନନ୍ଦନ ଜଣାଇବା ସହିତ ସୌଜନ୍ୟମୂଳକ ମତବିନିମୟ କରିଥିଲେ। ଆଲୋଚନା ସମୟରେ ମନ୍ତ୍ରୀ ଶ୍ରୀ ପଣ୍ଡା ଓଡ଼ିଶାରେ ବାୟୋଟେକ୍‌ନୋଲୋଜି ବିକାଶ ନେଇ ମତ ରଖିଥିଲେ। ଜାପାନୀ ଭାଷା ଶିକ୍ଷାଗ୍ରହଣ ସହିତ ଭବିଷ୍ୟତର ନିଯୁକ୍ତି ସୁଯୋଗକୁ ଓଡ଼ିଶାରେ ସଂପ୍ରସାରିତ କରିବା ଲକ୍ଷ୍ୟ ଏବଂ ବାୟୋଟେକ୍‌ନୋଲୋଜି ଅଧ୍ୟୟନ ତଥା ଗବେଷଣା କ୍ଷେତ୍ରରେ ଛାତ୍ର ବିନିମୟ କାର୍ଯ୍ୟକ୍ରମ ଉପରେ ମନ୍ତ୍ରୀ ଶ୍ରୀ ପଣ୍ଡା ଗୁରୁତ୍ୱ ଦେଇଥିଲେ। ସେହିପରି ସାମୁଦ୍ରିକ ବିଜ୍ଞାନ ଅଧ୍ୟୟନ ଓ ଗବେଷଣା ସାଙ୍ଗକୁ ରାଜ୍ୟରେ ବୟସ୍କମାନଙ୍କ ବାର୍ଦ୍ଧକ୍ୟଜନିତ ସମସ୍ୟାର ଉପଚାର ନିମନ୍ତେ ବିଶେଷ ସହଭାଗିତା ଉପରେ ମତବିନିମୟ ହୋଇଥିଲା। ରାଜ୍ୟରେ ବୌଦ୍ଧ ପର୍ଯ୍ୟଟନର ବିକାଶ ନେଇ କଥାବାର୍ତ୍ତା ହୋଇଥିଲା। ରାଷ୍ଟ୍ରଦୂତ ଶ୍ରୀ ଜର୍ଜ ଉପରୋକ୍ତ ପ୍ରସଙ୍ଗଗୁଡ଼ିକ ଉପରେ ଅନୁକୂଳ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସୌଜନ୍ୟମୂଳକ ସାକ୍ଷାତ ଆଲୋଚନାରେ ଭାରତୀୟ ଦୂତାବାସର ପ୍ରଥମ ସଚିବ ସୁରେଶ ଲାଖାବତ୍ ମଧ୍ୟ ଉପସ୍ଥିତ ଥିଲେ। ଆଲୋଚନାରେ ମଧ୍ୟ ପୂର୍ବତନ ମନ୍ତ୍ରୀ ତଥା ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ସାମିଲ ହୋଇଥିଲେ।

### ନେପାଳର ପ୍ରଧାନମନ୍ତ୍ରୀ ପ୍ରଚଣ୍ଡଙ୍କ ଚାରି ଦିନିଆ ଭାରତ ଗସ୍ତ ୩୧ ମଇ ଠାରୁ

ନୂଆଦିଲ୍ଲୀ, ୨୭।୫(ପି.ଏନ): ନେପାଳର ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହାଲ ପ୍ରଚଣ୍ଡ ଆଗାମୀ ୩୧ ମାର୍ଚ୍ଚ ରୁ ଚାରି ଦିନିଆ ଭାରତ ଗସ୍ତରେ ଆସିବେ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଉଚ୍ଚସ୍ତରୀୟ ବୈଠକ କରିବେ। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଦିନ ଏହି ସୂଚନା ପ୍ରଦାନ କରାଯାଇଛି।

## ନିତି ଆୟୋଗ ବୈଠକକୁ ବର୍ଜନ: ଅକଳରେ ନବୀନଙ୍କ ସମଦୂରତ୍ୱ ନୀତି



ଭୁବନେଶ୍ୱର, ୨୭।୫(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ନିତି ଆୟୋଗ ପରିଚାଳନା ପରିଷଦ ବୈଠକକୁ ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବର୍ଜନ କରିଛନ୍ତି। ଦେଶର ବିକାଶ ପାଇଁ ଲକ୍ଷ୍ୟ ନିର୍ଦ୍ଧାରଣ ଓ ରୋଡମ୍ୟାପ୍ ପ୍ରସ୍ତୁତ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ବାର୍ଷିକ ପରିଚାଳନା ପରିଷଦ ବୈଠକରେ ନବୀନ ଓ ୯ଟି ଅଣବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଅନୁପସ୍ଥିତ ରହିବାକୁ ନେଇ ରାଜନୀତିକ ଉଷ୍ମତା ବୃଦ୍ଧି ପାଇଛି। ଅନ୍ୟ ଦଳଗୁଡିକ ନିଜର ରାଜନୀତିକ କାରଣ ପାଇଁ ଅନୁପସ୍ଥିତ ରହିବା ସହଜେ ଅନୁମେୟ ହେଉଥିବାବେଳେ କେନ୍ଦ୍ରର ଏନଡିଏ ସରକାରଙ୍କୁ ପ୍ରସଙ୍ଗଭିତ୍ତିକ ସମର୍ଥନ ଦେଇ ଆସୁଥିବା ବିଜେଡି ଶାସିତ ରାଜ୍ୟ ଓଡିଶା କାହିଁକି ନିତି ଆୟୋଗଙ୍କ ବୈଠକରୁ ଦୂରେଇ ରହିଲା ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଗତ ଦୁଇ ସପ୍ତାହ ତଳେ ନବୀନ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବା ସହ ତୃତୀୟ ସାମ୍ମୁଖ୍ୟରେ ସାମିଲ ନହେବା ପାଇଁ ଘୋଷଣା କରିବା ଏବଂ ମେ' ୨୮ରେ ନୂଆ ସଂସଦ ଭବନ ଉଦଘାଟନୀ ଉତ୍ସବରେ ବିଜେଡି ସାମିଲ ହେବା ପାଇଁ ନିଷ୍ପତ୍ତି ନେବା ହିଁ ନିର୍ବାଚନୀ ବର୍ଷରେ ତାଙ୍କର ସମଦୂରତ୍ୱ ଆଭିମୁଖ୍ୟ(ଉଭୟ ବିଜେପି ଓ କଂଗ୍ରେସଠୁ)ର ନଗ୍ନତାକୁ ପଦାରେ ପକାଉଥିବାରୁ ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗକୁ ଜଳାଞ୍ଜଳି ଦେଇ ନିତି ଆୟୋଗ ବୈଠକରୁ ଦୂରେଇ ରହିଲେ ବୋଲି ଚର୍ଚ୍ଚା ।ମିଳିଥିବା ସୂଚନା ଅନୁସାରେ, ଦେଶର ବିକାଶର ରୋଡମ୍ୟାପ୍ ପ୍ରସ୍ତୁତ କରୁଥିବା ସର୍ବ ?ାଚ୍ଚ ନିତି ନିର୍ଦ୍ଧାରକ ସଂସ୍ଥା 'ନିତି ଆୟୋଗ'ର ପରିଚାଳନା ପରିଷଦ ବୈଠକକୁ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଚଳିତଥର ବୈଠକର ଏଜେଣ୍ଡାରେ ଭାରତକୁ ୨୦୪୭ ମସିହା ସୁଦ୍ଧା ବିକଶିତ ରାଷ୍ଟ୍ର ଭାବେ ଗଢ଼ିବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ମହିଳା ସଶକ୍ତିକରଣ ଓ ଭିତ୍ତିଭୂମି ବିକାଶ ସମେତ ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ମଧ୍ୟରେ ଆଲୋଚନା ହୋଇଛି। ମାତ୍ର ଏଭଳି ନିତି ଆୟୋଗ ଭଳି ସଂସ୍ଥାର ବୈଠକକୁ ଅନ୍ୟ ବିରୋଧୀ ଦଳଗୁଡିକ ନିଜସ୍ୱ ରାଜନୀତିକ କାରଣରୁ ଦୂରେଇ ରହିଥିବାବେଳେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ନିଜର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ପାଇଁ' ସାମିଲ ହେଉନଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା। ଯାହାକି ଖୋଲାଖୋଲି ଭାବେ ଜାତୀୟସ୍ତରରେ ସର୍ବୋଚ୍ଚ ନିତି ନିର୍ଦ୍ଧାରକ ସଂସ୍ଥା ବୈଠକ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉତଥାପନ କରିବାର ଏକ ସୁଯୋଗକୁ ଓଡିଶା ହାତଛଡା କରିବାକୁ ପଛାଇ ନାହିଁ। ତା'ପୁଣି ନବୀନଙ୍କ ରାଜନୀତିକ ଉଦ୍ଦେଶ୍ୟକୁ ଚରିତାର୍ଥ ନିମନ୍ତେ ବୋଲି ଚର୍ଚ୍ଚା ହେଉଛି।

## ଧାନ କିଣାବିକାରେ ୩ ରାଇସ୍ ମିଲ୍ ୮ କୋଟିରୁ ଉର୍ଦ୍ଧ୍ୱ ଅର୍ଥ ତୋଷରପାତ, ମିଲ୍ ମାଲିକମାନଙ୍କ ବିରୁଦ୍ଧରେ ସାର୍ଟିଫିକେଟ୍ କେଶ୍ ରୁଜୁ

ଭଦ୍ରକ, ୨୭।୫(ପି.ଏନ): ଧାନ କିଣାବିକାରେ ଜିଲାର ୩ ମିଲ୍ ମାଲିକ ୮ କୋଟି ୬୦ ଲକ୍ଷ ଟଙ୍କା ତୋଷାରପାତ କରି ୭ ବର୍ଷରୁ ୧୦ ବର୍ଷ ଧରି ଚୁପ୍ ହୋଇ ବସିରହିଛନ୍ତି। ସରକାରଙ୍କ ଏହି ବିପୁଳ ଅର୍ଥ ହଡପ କରିବା ଘଟଣାରେ ଓଡ଼ିଶା ଷ୍ଟେଟ୍ ସିଭିଲ୍ ସପ୍ଲାଏ କର୍ପୋରେସନର ସ୍ପେଶାଲ ଅଡିଟ୍ (ଖରିଫ ମାର୍କେଟିଂ ସିଜିନ ୨୦୧୫-୧୬) ଏହାର ଖୋଳତାଡ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ପେଶାଲ ଅଡିଟ୍‌ର ଏହି ଅର୍ଥ ଆଦାୟ ଉପରେ ଗୁରୁତ୍ୱ ଦେବା ପରେ ପ୍ରଶାସନ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ପାଇଥିଲା। ସଂପୃକ୍ତ ୩ ମାଲିକଙ୍କ ଉପରେ ଅର୍ଥ ଆଦାୟ ନେଇ ନୋଟିସ୍ ଜାରି କରାଯାଇଥିଲା। ତେବେ କିଛି ଅର୍ଥ ଆଦାୟ ହୋଇଥିବାବେଳେ ଆହୁରି ୮ କୋଟି ୬୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ବକେୟା ପଡି ରହିଥିଲା। ପ୍ରଶାସନର ବାରମ୍ବାର ନୋଟିସ୍ ସତ୍ତ୍ୱେ ମିଲରମାନେ ଅର୍ଥ ଜମା ଦେବା କ୍ଷେତ୍ରରେ ନିରବତା ଅବଲମ୍ବନ କରିଥିଲେ। ପରବ ୀ ସମୟରେ ଯୋଗାଣ ବିଭାଗ ପକ୍ଷରୁ ସରକାରୀ ଅର୍ଥ ତୋଷାରପାତକୁ ନେଇ ୩ଟି ସାର୍ଟିଫିକେଟ୍ କେଶ୍ ରୁଜୁ ପାଇଁ ପ୍ରସ୍ତାବ ଦେଇଥିଲେ। ଜିଲାପାଳ ଏହି ପ୍ରସ୍ତାବକୁ ଗ୍ରହଣ କରି ସଂପୃକ୍ତ ୩ ମିଲ୍ ମାଲିକଙ୍କ ବିରୁଦ୍ଧରେ ୩ଟି ସାର୍ଟିଫିକେଟ୍ କେଶ୍ (୧/୨୩, ୨/୨୩ ଓ ୩/୨୩) ରୁଜୁ କରାଯାଇଥିଲା। ଏହି ମିଲ୍ ଗୁଡିକ ହେଲା ମ୍ୟାନେଜିଂ ଡାଇରେକ୍ଟର ଏମ/ଏସ ମଙ୍ଗଳମ୍ ଆଗ୍ରୋଟେକ୍, ଅସୁରା, ରାହାଞ୍ଜା, ଦ୍ୱିତୀୟ ହେଲା ମ୍ୟାନେଜିଂ ପାର୍ଟନର ଏମ/ଏସ. ଚନ୍ଦ୍ରପ୍ରଭା ରାଇସ୍ ମିଲ୍, ଅରଞ୍ଜି, ବରପଦା ଓ ତୃତୀୟଟା ହେଲା ସୀତାଂଶୁ ଶେଖର ମହାନ୍ତି, ଏମ/ଏସ. ଭାରତୀ ରାଇସ୍ ମିଲ୍, କୋଟସିରା, ଭଣ୍ଡାରିପୋଖରୀ। ଏହାର ଶୁଣାଣି ପାଇଁ ଆଜି ତା ୨୬.୦୫.୨୩ ରିଖକୁ ଧାର୍ଯ୍ୟ କରାଯାଇଥିଲା। ସଂପୃକ୍ତ ମିଲ୍ ମାଲିକମାନେ ଆଜି ଜିଲାପାଳଙ୍କ କୋର୍ଟରେ ହାଜର ହୋଇନଥିଲେ। ଏ ନେଇ ଜିଲାପାଳ ଅସନ୍ତୋଷ ପ୍ରକାଶ କରିବା ସହ ପୁଣି ୨ ତାରିଖକୁ ଶେଷ ତାରିଖ ଦର୍ଶାଇ କୋର୍ଟରେ ହାଜର ହେବା ପାଇଁ ଆଉ ଥରେ ସୁଯୋଗ ଦେଇଛନ୍ତି। ଯଦି ଏହି ଶେଷ ତାରିଖରେ ଅର୍ଥ ଖିଲାପ କରି ମିଲରମାନେ କୋର୍ଟରେ ହାଜର ନହୁଅନ୍ତି, ତେବେ ସଂପୃକ୍ତ ମିଲ୍ ମାଲିକମାନଙ୍କର ଚଳନ୍ତି ଅଚଳନ୍ତି ସଂପ ି ବାଜ୍ୟାପ୍ତି କରାଯିବ ବୋଲି କୋର୍ଟ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ମଙ୍ଗଳମ୍ ଆଗ୍ରୋଟେକ୍ ୨୦୧୨-୧୩ ରେ ଧାନ କିଣାବିକା କ୍ଷେତ୍ରରେ ଅନିୟମିତତାର ଅଭିଯୋଗ ପାଇ ଭିଜିଲାନ୍ସ ଚଢାଉ ହୋଇଥିଲା। ୧୦ କୋଟି ଟଙ୍କାର ଅର୍ଥ ହେରଫେର ଘଟଣା ପଦାରେ ପଡିଥିଲା। ପରେ ଅର୍ଥ ଆଦାୟ ପାଇଁ ପ୍ରଶାସନ ପକ୍ଷରୁ ଚାପ ସୃଷ୍ଟି ହୋଇଥିଲା। ସଂପୃକ୍ତ ମିଲ୍ ମାଲିକ ଏହି ଅର୍ଥ ପ୍ରଦାନ କରିବା ପରେ ଏବେ ୮୮ ଲକ୍ଷ ଟଙ୍କା ୧୩ ହଜାର ୮୨୯ ଟଙ୍କା ବକେୟା ପଡିରହିଛି। ସେହିପରି ୨୦୧୪ ଖରିଫ ସିଜିନ୍‌ରେ ଚନ୍ଦ୍ରପ୍ରଭା ରାଇସ୍ ମିଲ୍ ପିଡିଏସ୍ ଧାନ ହେରଫେର ଘଟଣା ସଂପର୍କରେ ପ୍ରଶାସନ ଓ ଯୋଗାଣ ବିଭାଗ ପକ୍ଷରୁ ଚଢାଉ ହୋଇଥିଲା। ଏବଂ ତଦନ୍ତରେ ୩ କୋଟି ୬୬ ଲକ୍ଷ ୫୭ ହଜାର ୪୮୬ ଟଙ୍କା ଅର୍ଥ ହେରଫେର କରାଯାଇଥିବାର ଜଣାପଡିଥିଲା। ଅପରପକ୍ଷରେ ଭାରତୀ ରାଇସ୍ ମିଲ୍ ଉପରେ ପ୍ରଶାସନିକ ତଦନ୍ତ ସମୟରେ ୩ କୋଟି ୨୩ ଲକ୍ଷ ୧୩ ହଜାର ୬୭୧ ଟଙ୍କାର ଧାନ କିଣାବିକା ହିସାବ ମିଳିନଥିଲା। ତେବେ ମଙ୍ଗଳମ ଆଗ୍ରୋଟେକ୍‌ର ଉପରୋକ୍ତ ଅର୍ଥ ବକେୟା ରହିଥିବାବେଳେ ଅନ୍ୟ ଦୁଇଟି ମିଲ୍ କୌଣସି ଅର୍ଥ ପୈଠ କରିନାହାଁନ୍ତି।

## ୪୦ ଟଙ୍କାରେ ଅଦା ବିକିଥିଲେ କନ୍ଧମାଳ ଚାଷୀ, ଏବେ ୨୦୦ରୁ ୨୫୦ !



ଭୁବନେଶ୍ୱର, ୨୭।୫(ପି.ଏନ): ଅଦା ଅମଳ ବେଳେ ଆନ୍ତରିକତା ଦେଖାଇଲେ ନାହିଁ ରାଜ୍ୟ ସରକାର ! ଅଦା ରଖିବା ପାଇଁ ଶୀତଳ ଭଣ୍ଡାରର ବ୍ୟବସ୍ଥା କଲେନାହିଁ। ତେଣୁ ଅଭାବୀ ବିକ୍ରିରେ ସମ୍ମୁଖୀନ ହୋଇ କନ୍ଧମାଳ ଜିଲ୍ଲା ଶତାଧିକ ଚାଷୀ କିଲୋ ପିଚ୍ଛା ୪୦ ଟଙ୍କାରେ ବିକି ଦେଲେ ଅଦା। ଏବେ କିନ୍ତୁ ବଜାରରେ ଅଦା ଦର ଆକାଶ ଛୁଆଁ ହୋଇଛି। ଅଦା କିଲୋ ୨୦୦ରୁ ୨୫୦ ଟଙ୍କାରେ ବିକ୍ରି ହେଉଛି। ପାହାଡ ପର୍ବତ ଘେରା କନ୍ଧମାଳ ଜିଲ୍ଲାରେ ବର୍ଷର ଅର୍ଦ୍ଧାଧିକ ସମୟ ଶୀତଳ ପରିବେଶ ରହିଥାଏ। ତେଣୁ ସେହି ଅଞ୍ଚଳରେ ବହୁଳ ପରିମାଣରେ ଅଦା ଓ ହଳଦୀ ଚାଷ ହୋଇଥାଏ। ଜିଲ୍ଲାର ପ୍ରାୟ ଶତ ପ୍ରତିଶତ ଚାଷୀ ହଳଦୀ ଓ ଅଦା ଚାଷ କରି ସେମାନଙ୍କ ପରିବାର ପ୍ରତିପୋଷଣ କରୁଛନ୍ତି। ମିଳିଥିବା ସୂଚନା ଅନୁସାରେ ଜିଲ୍ଲାର ପ୍ରାୟ ୫ ହଜାର ଚାଷୀ ୨୨ରୁ ୨୫ ଶହ ହେକ୍ଟର ଜମିରେ ପ୍ରତିବର୍ଷ ଅଦା ଚାଷ କରୁଛନ୍ତି। ଯେଉଁଥିରୁ ପ୍ରାୟ ୩୦ରୁ ୩୫ ଶହ ମେଟ୍ରିକ୍ ଟନ୍ ଅଦା ଉତ୍ପାଦନ ହେଉଛି।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ । ତାଙ୍କ ବୟସ ୫୩ ବର୍ଷ । ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି । ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି । ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ । ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି । 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ । ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ । ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ । ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ । 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି । ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ । ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି । ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ । ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି ।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି । ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା । ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ । ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ । ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି । ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି ।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ । ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ । ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା ।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧିରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଭିଏତ୍‌ନାମା ଭଳି ଦେଶରେ ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ । ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି । ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା । ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ । ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ' । କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ । ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।




**ଭୁବନେଶ୍ୱର, ୨୦୨୩, ମଇ ୨୮**

# ଚାଚା ନେହେରୁ

ଯୁଗଯୁଗ ଧରି ମଣିଷ ପ୍ରକୃତି ସହିତ ସଂଗ୍ରାମ କରିଆସିଛି, ଧୂଳି ଧୂସରିତ ଏଇ ଧରାବକ୍ଷରେ ସ୍ୱର୍ଗର ପାରିଜାତ କାନନ ସୃଷ୍ଟି କରିବାକୁ। ସଭ୍ୟତାର ସୂର୍ଯ୍ୟୋଦୟ ଠାରୁ ଲୋକେ ସଂସାରକୁ ଆସନ୍ତି, ଖାଆନ୍ତି, ପିଅନ୍ତି ଆଉ ଦିନେ ବିଦାୟ ନେଇ ଚାଲିଯାଆନ୍ତି। ଏତ ପୋକ ମାଛିର ଜୀବନ। ଯେଉଁ ମଣିଷ ମାନବ ସେବାକୁ ବ୍ରତ କରି, ଜୀବନକୁ ଶିବଭାବି ସେବା କରେ, ତାକୁ ହରାଇଲେ ସମସ୍ତ ଜୀବଜଗତ ଓ ମନୁଷ୍ୟ ସମାଜ ଦୁଃଖୀ ହୁଏ। ଆଖିରୁ ଲୁହ ଝରାଇ ତାର ଗୁଣ ବାହୁନେ। ଏମିତି ଜୀବନ ଥିଲା ଜବାହାରଲାଲାଙ୍କର । ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ସ୍ୱରପାରାଣୀଙ୍କ ଗର୍ଭରୁ ମୋତିଲାଲଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଜନ୍ମ ଲାଭ କଲା। ପୁତ୍ରଟିର ନାମ କରଣ କରାଗଲା ଜବାହାରଲାଲ। ଜହର ଅର୍ଥାତ ରତ୍ନ, ଲାଲ ଅର୍ଥ ପୁତ୍ର। 'ଆନନ୍ଦ ଭବନ' ରେ ଜବାହାରଲାଲ ଖୁସୀରେ ବଢିବାକୁ ଲାଗିଲେ। ସେ ମୁବାରକ ଅଲ୍ଲୀଙ୍କ ଠାରୁ ନାନାଦି ଗପ ଶୁଣନ୍ତି। ସିପାହୀ ବିଦ୍ରୋହର ଘଟଣାବଳୀ ତାଙ୍କ ଉପରେ ପ୍ରଭାବ ପକାଇଥିଲା। ଛୋଟବେଳରୁ ଭାରତକୁ ସ୍ୱାଧୀନତା କିପରି ମିଳିବ ସେ ଚିନ୍ତା କରୁଥିଲେ। ୧୫ ବର୍ଷ ବୟସରେ ଇଂଲଣ୍ଡର ହ୍ୟାରୋ ସ୍କୁଲରେ ନାମ ଲେଖାଇ ପଢା ପଢିରେ ମନ ଲଗାଇ ଦେଲେ। ହ୍ୟାରୋ ସ୍କୁଲରେ ପାଠ ପଢା ଶେଷ କରି, କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟରେ ନାଁ ଲେଖାଇଲେ। ସେଠି ସେ ବିଜ୍ଞାନ ପଢିଲେ, କେମଷ୍ଟ୍ରୀ, ବଟାନି ଓ ଖଣିତତ୍ୱ ବିଷୟ ନେଇ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ରୁ ଡ଼ିଗ୍ରୀ ପାଶ୍ କରି ସେ ଆୟାରଲ୍ୟାଣ୍ଡ ଓ ନରୱେ ଭ୍ରମଣରେ ଯାଇଥିଲେ। ବହୁତ ଦୁର୍ଗମ ପାହାଡ଼ିଆ ଅଂଚଳ ଭ୍ରମଣ ସାରି ଏକ ହୋଟେଲରେ ବିଶ୍ରାମ ନେଲେ। ସ୍ନାନ ପାଇଁ ହୋଟେଲରେ ସୁବିଧା ନଥିବାରୁ , ଏକ ଝରଣାରେ ସ୍ନାନ ସମୟରେ ଗୋଡ଼ ଖସିଗଲା। ସେ ଝରଣା ସ୍ରୋତରେ ଭାସିଗଲେ। ବହୁ କଷ୍ଟରେ କୂଳରେ ପହଂଚିଲେ ତାଙ୍କ ବନ୍ଧୁ ଟାଣି ଉପରକୁ ଉଠାଇଲେ। ଏକ ପ୍ରକାର ମୃତ୍ୟୁ ମୁଖରୁ ରକ୍ଷା ପାଇଗଲେ। ୧୯୧୨ ଖ୍ରୀଷ୍ଟାବ୍ଦରେ ଲଣ୍ଡନରୁ ବାରିଷ୍ଟରି ପରୀକ୍ଷାରେ ଉତିର୍ଣ୍ଣ ହେଲେ। ଭାରତକୁ ଫେରି ବମ୍ବେ ବନ୍ଦରରେ ପହଂଚିଲେ। କମଳା ଯକ୍ଷ୍ମାରେ ଅସୁସ୍ଥ ହୋଇଗଲେ। ସେଥିପାଇଁ କମଳାଙ୍କୁ ସଙ୍ଗରେ ଧରି ଜବାହାର ଇଉରୋପ ଚାଲିଗଲେ। ଜେନେଭା ଠାରେ କିଛି ଦିନ ରହିଲେ। ମୋତିଲାଲ କନ୍ୟା କୃଷ୍ଣାଙ୍କୁ କମଳା ନେହେରୁଙ୍କର ସେବା କାର୍ଯ୍ୟ ପାଇଁ ଜେନେଭା ପଠାଇ ଦେଲେ। ଋଷ୍ ଆନ୍ଦୋଳନର ଦଶମ ବାର୍ଷିକୋତ୍ସବର ଆମନ୍ତ୍ରଣ ରକ୍ଷାକରି ମୋତିଲାଲ, ଜବାହର ଓ କୃଷ୍ଣା ବର୍ଲିନ ଠାରୁ ଋଷ୍ ଅଭିମୁଖେ ରେଳ ଯାତ୍ରା କଲେ। ସେମାନେ ପହଂଚିବା ବେଳକୁ ଉତ୍ସବ ସମାପ୍ତି ହୋଇଥିଲା। ତଥାପି ସେମାନେ ଋଷରେ ଚାରି ଦିନ ରହିଗଲେ। କମଳା ନେହୁରଙ୍କ ସ୍ୱାସ୍ଥ୍ୟ ସ୍ୱଭାବିକ ହେବାରୁ ଜବାହାର ସପରିବାରେ ଭାରତକୁ ଫେରିଆସିଲେ। ପାବ କେଶରୀ ଲାଲା ଲଜପତ ରାୟ ସାଇମନ କମିଶନଙ୍କୁ ବିରୋଧ କଲେ। ମୋତିଲାଲ ଇସ୍ତଫା ଦେବାପରେ ଜବାହାର ୧୯୨୯ ମସିହାରେ କଂଗ୍ରେସର ସଭାପତି ହେଲେ। ପୂର୍ଣ୍ଣ ସ୍ୱରାଜକୁ କଂଗ୍ରେସର ଲକ୍ଷ ବୋଲି ଗ୍ରହଣ କରିନିଆଗଲା। ଇଂରେଜ ସରକାର ୧୯୨୯ରେ ଭାରତକୁ ଔପନିବେଶିକ ସ୍ୱାଧୀନତା ଦେଲେ ନାହିଁ। କଂଗ୍ରେସ ଲାହୋର ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତା ପାଇବା ନିମିତ ଆନ୍ଦୋଳନ ଆରମ୍ଭ କରିଦେଲେ। ମହାତ୍ମା ଗାନ୍ଧୀ ଓ ଜବାହରଲାଲ ୧୯୩୦ ମସିହା ଜାନୁୟାରୀ ମାସ ୨୬ ତାରିଖ କୁ ସ୍ୱାଧିନତା ଦିବସ (ଶପଥ ଦିବସ) ରୂପେ ଘୋଷଣା କଲେ। ଜବାହାର ଲାଲଙ୍କୁ ଗାନ୍ଧିଜୀ ବୁଝାଇଲେ ଅହିଂସା ଅସ୍ତ୍ର ପ୍ରତ୍ୟେକ ଅସ୍ତ୍ର ଠାରୁ ବଳଶାଳୀ ଓ ଭୟଙ୍କର। ଭାରତର ପୂର୍ଣ୍ଣ ସ୍ୱାଧୀନତା ଗାନ୍ଧିଜୀଙ୍କ ଉପରେ ନ୍ୟସ୍ତ କରାଗଲା। ଗାନ୍ଧିଜୀ ପ୍ରଥମେ ଲବଣ କର ଉଠାଇ ନେବା ଓ ଲବଣ ଆଇନ ଭଙ୍ଗ ହିଁ ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ପାହାଚ, ତେଣୁ ଗାନ୍ଧିଜୀ ୧୯୩୦ ଖ୍ରୀଷ୍ଟାବ୍ଦ ଅପ୍ରେଲ ୬ ତାରିଖରେ ଦାଣ୍ଡିଠାରେ ଲୁଣ ମାରି ସରକାରଙ୍କ ଲବଣ ଆଇନକୁ ଅମାନ୍ୟ କଲେ। ଲବଣ ସତ୍ୟାଗ୍ରହ ବିରାଟ ରୂପ ଧାରଣ କଲା। ଗାନ୍ଧିଜୀଙ୍କୁ ୧୯୩୦ ମସିହା ମେ ମାସ ୫ତାରିଖରେ ଇଂରେଜ ସରକାର କାରାରୁଦ୍ଧ କଲେ। କୃଷକ ମାନଙ୍କ ଡାକରାରେ ଜହରଲାଲ କୃଷକେ ମାନଙ୍କ ବୈଠକରେ ଯୋଗ ଦେଇ ସରକାରଙ୍କୁ ଖଜଣା ନ ଦେବାକୁ ଆହ୍ୱାନ କଲେ। ପୋଲିସ ତାଙ୍କୁ ଗିରଫ କରି ନୈନି ଜେଲକୁ ପଠାଇ ଦେଲେ। ବିଚାରରେ ଦୁଇ ବର୍ଷ ଜେଲ ଦଣ୍ଡ ଓ ଦୁଇଶତ ଟଙ୍କା ଜୋରିମାନା, ଏହା ଥିଲା ତାଙ୍କର ପଂଚମ ଜେଲଦଣ୍ଡ। ୧୯୩୦ ନଭେମ୍ବର ୧୪ ତାରିଖ ରେ ଜବାହାର ଲାଲଙ୍କ ଜନ୍ମ ଦିବସରେ ସାରା ଭାରତରେ ସଭା ସମିତିରେ ତାଙ୍କର


ଅକ୍ଷୟ କୁମାର ରାଉତ

ଭାଷଣ ପଠନ କରାଗଲା। ଜହର ଲାଲ ନୈନି ଜେଲରେ ଥିବା ସମୟରେ ମୋତିଲାଲ ଗିରଫ ହୋଇ ଉକ୍ତ ଜେଲରେ ରହିଲେ। ମୋତିଲାଲଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ମୁକ୍ତ କରିଦିଆଗଲା। କୃଷକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବେତ୍ରାଘାତର ପ୍ରତିବାଦରେ ଜହର ଲାଲ ଅନଶନ ଆରମ୍ଭ କରିଦେଲେ। ବେତ୍ରାଘାତ ସ୍ଥଗିତ ହେଲା। ୧୯୩୧ ମସିହା ଜାନୁୟାରୀ ମାସ ୨୬ ତାରିଖରେ ଜହରଲାଲ କାରାମୁକ୍ତ ହେଲେ। ଜାନୁଆରୀ ୨୬ ତାରିଖରୁ ସ୍ୱାଧୀନତା ଦିବସ ରୂପେ ସାରା ଭାରତରେ ପାଳନ କରାଗଲା। କମଳା ନେହେରୁ ଆନ୍ଦୋଳନରେ ଯୋଗ ଦେଇ ସ୍ୱାମୀଙ୍କ ପଥର ଯାତ୍ରୀ ହୋଇ ୧୯୩୧ ଖ୍ରୀଷ୍ଟାବ୍ଦରେ ବନ୍ଦୀ ହେଲେ। ମୋତିଲାଲ ନେହେରୁ ୧୯୩୧ ମସିହା ଅପ୍ରେଲ ଛଅ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କଲେ। ବିରାଟ ଶୋଭାଯାତ୍ରାରେ ଗଙ୍ଗା ନଦୀ କୂଳରେ ମୋତିଲାଲଙ୍କ ମରଶରୀରକୁ ସଂସ୍କାର କରାଗଲା। ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଓ ଅନ୍ୟାନ୍ୟ ନରସଂହାରକୁ ମନେପକାଇ ଅପ୍ରେଲ ୬ ରୁ ୧୩ ତାରିଖ ଯାଏ ଜାତୀୟ ଦିବସ ପାଳନ କରାଗଲା। ମୋତିଲାଲଙ୍କ ପତ୍ନୀ ସ୍ୱରୂପାରାଣୀଙ୍କୁ ଇଂରେଜ ସିପାହୀ ଧକ୍କା ମାରି ତଳେ ପକାଇ ଦେବାରୁ ସେ ଆଘାତ ପାଇଲେ। ଏହି ଆଘାତ ଖବର ଭୁଲ କ୍ରମେ ସ୍ୱରୂପାରାଣୀଙ୍କର ମୃତ୍ୟୁ ରୂପେ ପ୍ରଚାରିତ ହୋଇଯିବାରୁ ବିଭିନ୍ନ ସ୍ଥାନରେ ଦଙ୍ଗା ଆରମ୍ଭ ହୋଇଗଲା। ଜହରଲାଲ ଶେଷ ତାରିଖ ପୂର୍ବରୁ କାରାମୁକ୍ତ ହେଲେ। କମଳାଙ୍କ ମୃତ୍ୟୁ ପରେ ନେହେରୁ ଭାଙ୍ଗି ପଡିଲେ। ତେଣୁ ସେ ଇନ୍ଦିରା ଗାନ୍ଧୀଙ୍କୁ ଇଂଲଣ୍ଡର କ୍ରିଷ୍ଟଲ ବ୍ୟାଡମିଣ୍ଟନ ବିଦ୍ୟାଳୟରେ ପାଠ ପଢାଇଲେ। ଜାପାନ ଚାଇନା ଉପରେ ବୋମା ବର୍ଷଣ କରୁଥାଏ କଂଗ୍ରେସର ପ୍ରତିନିଧି ରୂପେ ନେହେରୁ ଚୀନ ଗଲେ। ଚୀନର ତତ୍‌କାଳୀନ ଶାସକ ଓ ତାଙ୍କର ସ୍ତ୍ରୀ ତାଙ୍କୁ ବହୁତ ସମ୍ବର୍ଦ୍ଧନା ଦେଲେ। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡ ସରକାର କଂଗ୍ରେସର ସହାୟତା ଇଚ୍ଛା କରିବାରୁ କଂଗ୍ରେସ ସ୍ୱାଧୀନତା ଦାବୀ କଲା। ୧୯୪୨ ମସିହା ମାର୍ଚ୍ଚ ମାସରେ ଇନ୍ଦିରାଙ୍କ ବିବାହ ଫରାସି ଜାତିର ଫିରୋଜ ସହିତ ଆନନ୍ଦ ଭାବନରେ ଅନୁଷ୍ଠିତ ହେଲା। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡର ଆର୍ଥିକ ସ୍ଥିତି ଦୋହଲି ଗଲା। ତା ପକ୍ଷେ ଭାରତକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇ ପଡିଲା। ତେଣୁ ଇଂରେଜ ସରକାର ଭାରତରୁ ତଡାଖାଇ ଯିବା ଅପେକ୍ଷା ଭାରତକୁ ସ୍ୱାଧୀନତା ଦେବା କଥା ଚିନ୍ତାକଲେ। ତେଣୁ ୧୯୪୬ ମସିହାରେ ଭାରତରେ ସାଧାରଣ ଭୋଟ ଅନୁଷ୍ଠିତ ହେଲା। ଇଂରେଜ ମାନେ କୌଶଳରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଗୃହ ଯୁଦ୍ଧ ଆରମ୍ଭ କରିଦେଲେ। ଏହି ଗୃହ ଯୁଦ୍ଧରେ ବହୁ ନର ନାରୀ ଓ ଶିଶୁ ବଳି ପଡିଗଲେ। ଭାରତର ସ୍ୱାଧୀନତା ବ୍ରିଟିଶ ପାର୍ଲିଆମେଣ୍ଟରେ ମୁର ହୋଇଗଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ବିଭାଜିତ ହୋଇ ସ୍ୱାଧୀନତା ଲାଭ କଲା। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ରୂପେ ଜବାହରଲାଲ ନେହେରୁ ଶପଥ ଗ୍ରହଣ କଲେ। ରାଷ୍ଟ୍ରର ଶାନ୍ତି ପାଇଁ ସେ ପଂଚଶୀଳ ନୀତିକୁ ଗ୍ରହଣ କରିଥିଲେ। ନିଜ ପରିବାରରେ ଚାଚା ଥାଆନ୍ତି, ଗାଁ ଗହଳିରେ କିଛି ଲୋକ ଥାଆନ୍ତି ଯାହାକୁ ସମସ୍ତେ ଭଲ ପାଆନ୍ତି ତାଙ୍କୁ ଚାଚା କହନ୍ତି। ଯାହାଙ୍କୁ ସାରା ଦେଶ ଭଲପାଏ ଓ ଚାଚା ବୋଲି ସମ୍ବୋଧନ କରନ୍ତି, ସେ ହେଉଛନ୍ତି ଚାଚା ନେହେରୁ। ୧୯୬୪ ମସିହା ମେ ମାସ ୨୭ ତାରିଖରେ ଜବାହାରଲାଲଙ୍କ ଦେହାନ୍ତ ହୋଇଗଲା। ଦେଶ ପାଇଁ ତାଙ୍କର ମହାନ୍ ତ୍ୟାଗ, ଆଦର୍ଶ ଓ ସଂଗ୍ରାମ ଦେଶ ବାସୀଙ୍କ ହୃଦୟ ରାଜ୍ୟରେ ଅଦ୍ୟାବଧି ଅବିସ୍ମରଣୀୟ ହୋଇ ରହିଛି ଓ ଯୁଗ ଯୁଗକୁ ରହିଥିବ।

*ପାରାଦ୍ୱୀପ ଗଡ଼, କୁଜଙ୍ଗ ,*
*ଜଗତ୍‌ସିଂହପୁର*
*ମୋ-୯୯୩୭୬୯୧୪୭୫*

# ଗର୍ବ ଓ ଗୌରବ

ହକିର ଏନ୍ତୁଡିଶାଳ ଭାବେ ପରିଚିତ ଓଡିଶାର ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ସୁନ୍ଦରଗଡ ଜିଲ୍ଲା, ଯେଉଁଠି ଗ୍ରାମ୍ୟ ହକି ଟୁର୍ଣ୍ଣାମେଂଟ 'ଛେଳି' କୁକୁଡାକୁ ଟ୍ରଫି ଭାବେ ବ୍ୟବହାର କରାଯାଉଥିଲା। ଏବେ ଜିଲ୍ଲାର ଇସ୍ପାତ ନଗରୀ ତଥା ରାଜ୍ୟର ଦ୍ୱିତୀୟ ସ୍ମାର୍ଟ ସିଟି ରାଉରକେଲା ସହ ରାଜଧାନୀ ତଥା ଦେଶର ଏକ ନମ୍ବର ସ୍ମାର୍ଟ ସିଟି ଭୁବନେଶ୍ୱରରେ ବିଶ୍ୱକପ୍ ହକି-୨୦୨୩ ମହାକୁମ୍ଭ ଅନୁଷ୍ଠିତ ହେବା ନିଶ୍ଚିତ ଭାବେ ଜନସାଧାରଣଙ୍କ ପାଇଁ ଗର୍ବ ଓ ଗୌରବ। କେବଳ ଏତିକି ନହେଁ ହକି ମହାକୁମ୍ଭ ଓଡିଶାକୁ ବିଶ୍ୱ ଦରବାରରେ ପରିଚିତ କରାଇପାରିଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଧାମ ଭାବେ ଓଡିଶା ବିଶ୍ୱରେ ପରିଚିତ ଥିବାବେଳେ ଏବେ ହକି'ର ଦୁର୍ଗ ଭାବେ ଓଡିଶାକୁ ବିଶ୍ୱ ଦରବାରରେ ବିଶ୍ୱକପ୍ ହକି ମହାକୁମ୍ଭ ପରିଚିତ କରାଇପାରିଛି ବୋଲି କହିଲେ ଅତିରଂଜିତ ହେବ ନାହିଁ। ବିଶ୍ୱକପ୍ ହକି ଇତିହାସର ୫୨ବର୍ଷ ମଧ୍ୟରେ ବିଶ୍ୱରେ ପ୍ରଥମ ରାଷ୍ଟ୍ର ଭାବେ ଭାରତର ଏକମାତ୍ର ରାଜ୍ୟ ଓଡିଶା କ୍ରମାଗତ ଦୁଇଟି ମହାକୁମ୍ଭ ଆୟୋଜିତ କରାଇବାରେ ସମର୍ଥ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୮ ବିଶ୍ୱକପ୍ ହକି କେବଳ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବାବେଳେ ୨୦୨୩ରେ ରାଜ୍ୟର ଦୁଇଟି ସହରରେ ଆୟୋଜିତ କରାଇ ଅନ୍ୟ ବିଶ୍ୱସ୍ତରୀୟ ପ୍ରତିଯୋଗୀତା ସହ ଏହାକୁ ସମକକ୍ଷ କରି ଓଡିଶା ସରକାର ନିଜର ପାରଦର୍ଶିତା ପ୍ରଦର୍ଶନ କରିପାରିଛନ୍ତି ବୋଲି କୁହାଯାଇପାରିବ। ପୂର୍ବରୁ ବିଶ୍ୱକପ୍ ହକି ବିଭିନ୍ନ ରାଷ୍ଟ୍ରର ଗୋଟିଏ ମାତ୍ର ସହରରେ ଆୟୋଜିତ ହୋଇଥିବା ନଜୀର ରହିଛି। ଅତୀତରେ ୧୯୮୨ରେ ବିଶ୍ୱକପର ପଂଚମ ସଂସ୍କରଣ ଭାରତର ମୁମ୍ବାଇରେ ଅନୁଷ୍ଠିତ ହୋଇଥିବା ବେଳେ ୨୦୧୦ରେ ଦିଲ୍ଲୀରେ ଆୟୋଜିତ ହୋଇଥିଲା। ୨୦୧୮ରେ ଚର୍ତୁଦଶତମ ସଂସ୍କରଣ ଭୁବନେଶ୍ୱରରେ ଆୟୋଜିତ ହେଉଥିବାବେଳେ ଏବେ ପଂଚଦଶ ବିଶ୍ୱକପ୍ ହକି ରାଜ୍ୟରେ ଦୁଇଟି ସହରରେ ଅନୁଷ୍ଠିତ ହେଉଛି। ଶୁକ୍ରବାର ଦୁଇଟି ସହରରେ ଏକ ସମୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଛି। ଚଳିତ ବିଶ୍ୱକପରେ ୧୬ଟି ଦଳ ଭାଗ ନେଇଥିବା ବେଳେ ୨୯ତାରିଖ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ତେବେ ସବୁଠାରୁ ଆକର୍ଷଣୀୟ ହୋଇଛି ମହାକୁମ୍ଭର ଉଦ୍‌ଘାଟନୀ ସମାରୋହ। ଯାହାକି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ବିଶ୍ୱସ୍ତରୀୟ ହୋଇପାରିଛି ବୋଲି କୁହାଯାଇପାରିବ। ତେବେ ଏସବୁ କେବଳ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ ଇଚ୍ଛାଶକ୍ତି ଯୋଗୁଁ ସମ୍ଭବ ଓ ସାକାର ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଜାତୀୟ ହକି ଟିମର ପୃଷ୍ଠପୋଷକତାକୁ ସାହାରା ଓ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ହାରିଯିବା ପରେ ଦିଗହରା ହୋଇପଡିଥିବା ପୁରୁଷ ଟିମକୁ ଓଡିଶା ସରକାର ଆଗାମୀ ଏକ ଦଶନ୍ଧି ପର୍ଯ୍ୟନ୍ତ ପୃଷ୍ଠପୋଷକ ଭାବେ ଗ୍ରହଣ କରିଛନ୍ତି। କେବଳ ପୁରୁଷ ଟିମ ନୁହେଁ, ମହିଳା ଟିମକୁ ମଧ୍ୟ ଗ୍ରହଣ କରିଛନ୍ତି। ଏନ୍ତୁଡିଶାଳାରେ ହକିର ବିକାଶ ପାଇଁ ରାଜ୍ୟ ସରକାର ୨୬୦କୋଟି ଟଙ୍କାର ବ୍ୟୟରେ ସର୍ବବୃହତ ହକି ଷ୍ଟାଡିୟମ ଶହୀଦ୍ ବିର୍ସାମୁଣ୍ଡାଙ୍କ ନାମରେ ନିର୍ମାଣ କରିଛନ୍ତି। ଯେଉଁଥିରେ ୨୦୦୦ ଦର୍ଶକ ବସିବା ବ୍ୟବସ୍ଥା ଥିବାବେଳେ ପଂଚତାରକା ହୋଟେଲରେ ସୁବିଧା, ସୁଯୋଗ ଥିବା ୨୨୫ଟି କୋଠରୀ ରହିଛି। ସେହି ସ୍ୱଳ୍ପ ସମୟ ମଧ୍ୟରେ ରାଉରକେଲା ସହରକୁ ଭୁବନେଶ୍ୱରରୁ ବିମାନ ଉଡାଣ ଆରମ୍ଭ କରିଛନ୍ତି। ମହାମାରୀ କରୋନା ଏ କ୍ଷେତ୍ରରେ ପ୍ରତିବନ୍ଧକ ସାଜିଥିଲାବେଳେ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସରକାରଙ୍କ ଦୃଢ ଇଚ୍ଛାଶକ୍ତି ନିକଟରେ ସବୁ ବାଧାବିଘ୍ନ ହାରମାନିଛି ବୋଲି କୁହାଯାଇପାରେ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଜାତୀୟ ପୁରୁଷ ହକି ଟିମର ଓଡିଶା ସରକାର ପୃଷ୍ଠପୋଷକ ହେବାପରେ ଦୀର୍ଘ ୪ଦଶନ୍ଧି ପରେ ପ୍ରଥମ ଥର ପାଇଁ ୨୦୨୧ ଟୋକିଓ ଅଲମ୍ପିକରେ ବ୍ରୋଂଚ ପଦକ କରି ଦେଶର ଗୌରବ ବଢାଇଛି। ସେହିପରି ଜାତୀୟ ମହିଳା ହକି ଟିମ ଟୋକିଓ ଅଲମ୍ପିକରେ ଅଳ୍ପକେ ବ୍ରୋଂଚ ପଦବୀରୁ ବଂଚିତ ହୋଇ ଚତୁର୍ଥ ସ୍ଥାନରେ ରହିଥିଲା। ଉଲ୍ଲେଖଯୋଗ୍ୟ ଯେ, ୧୮୬୦ ଦଶକରେ ଖ୍ରୀଷ୍ଟିୟାନ ମିଶନାରୀମାନେ ପ୍ରଥମେ ସୁନ୍ଦରଗଡରେ ହକି କ୍ରୀଡା ପ୍ରବେଶ କରାଇଥିଲେ। ଏହା ପରଠାରୁ ସୁନ୍ଦରଗଡ ଜିଲ୍ଲା ହକି ଖେଳରୁ ପଛରୁ ହଟି ନାହିଁ। ହକି ଷ୍ଟିକ ନଥିବାବେଳ କାଉଁ ଶବାଡିକୁ ସେମାନେ ହକି ଷ୍ଟିକ ଭାବେ ବ୍ୟବହାର କରିଥିଲେ। ହକି ଜିଲ୍ଲାରେ ଏତେ ପ୍ରସାର ଲାଭ କରିଥିଲା ଯେ, ଗାଁ ଗାଁରେ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଆସୁଥିଲା, ଯେଉଁଥିରେ ଛେଳି, କୁକୁଡା ଟ୍ରଫି ଭାବେ ବ୍ୟବହୃତ ହେଉଥିଲା। ଜାତୀୟ ପୁରୁଷ ଓ ମହିଳା ହକି ଟିମକୁ ସୁନ୍ଦରଗଡର ଅବଦାନ ମଧ୍ୟ କିଛି ନୁହେଁ। ଜାତୀୟ ହକି ଟିମରେ ପଦ୍ମଶ୍ରୀ ଦିଲ୍ଲୀପ ତୀର୍କି ନେତୃତ୍ୱ ଦେଇଥିବାବେଳେ ଏବେ ସେ ହକି ଇଣ୍ଡିଆର ସଭାପତି। ହକି ବିଶ୍ୱକପରେ ଏବେ ଉପ-ଅଧିନାୟକ ଅମିତ ରୋହିଦାସ ଥିବାବେଳେ ନିଲାମ ସଂଜୀବ ଖେସତ ଖେଳୁଛନ୍ତି। ଅତୀତରେ ଇଗନେଶ ତିର୍କୀ, ପ୍ରବୋଧ ତିର୍କୀ, ଲାଗାରୁଷ ବାର୍ଲା, ଉଇଲିୟମ ଖାଲକୋ, ବିରେନ୍ଦ୍ରଲାକ୍ରା, ପୁରୁଷ ଟିମରେ ପ୍ରତିନିଧିତ୍ୱ କରିଥିବାବେଳେ ଜାତୀୟ ମହିଳା ଟିମରେ ଜ୍ୟୋତି ସୁନିତା କୁଲୁ, ସୁଭଦ୍ରା ପ୍ରଧାନ, ଦୀପ୍‌ଗ୍ରେସ ଏକ୍କାଙ୍କ ୧୭ଜଣ ପ୍ରତିନିଧିତ୍ୱ କରିଛନ୍ତି। ଅଦ୍ୟାବଧି ସୁନ୍ଦରଗଡ ୧୨,୦୦୦ ଖେଳାଳୀ ଜାତୀୟ ସ୍ତରରେ ଖେଳି ସାରିଥିବାବେଳେ କ୍ରୀଡା କୋଟାରେ ୧୦ହଜାର ନିଯୁକ୍ତି ପାଇଛନ୍ତି। ଓଡିଶା କ୍ରମାଗତ ଦ୍ୱିତୀୟ ଥର ପାଇଁ ହକି ବିଶ୍ୱକପ୍ ଆୟୋଜନ କରିଥିବାରୁ ରାଜ୍ୟର ଗୌରବ ବଢାଇବାରେ ସହାୟକ ହୋଇଛି। ଏଥିପାଇଁ ରାଜ୍ୟବାସୀ ଗର୍ବିତ। ମହାକୁମ୍ଭର ସଫଳତା ଆମେ କାମନା କରୁଛୁ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ
ନଗର, ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ଧୂଆଁ ଧରିବାକୁ କେହି ନାହିଁ

ଗୋଟିଏ ସିଗାରେଟ ଟାଣିଲେ ପାଞ୍ଚ ମିନିଟର ଆୟୁଷ କମିଯାଏ ଏହି ଧୂଆଁଧାରୀମାନେ ଏହାର ସେବନକାରୀ ହେଲାପରେ ସେମାନଙ୍କର ମୁଖମଣ୍ଡଳ ଯାହା କଦାକାର ଦେଖାଯାଏ ତାହାବି ସମସ୍ତେ ଜାଣନ୍ତି। ଯୁଆଡ଼େ ଦେଖ ସିଆଡ଼େ ଉଡୁଛି ସିଗାରେଟ ଧୂଆଁ। ଫୁଲମାଳ ଭଳି ଗୁଟଖା ସବୁ ଓମଫେଡ଼ ବୁଥ ଠାରୁ ସହରର ଛକମୁଣ୍ଡ ସବୁ ଦୋକାନରେ ଝୁଲୁଛି। ସେ ସଚ୍ଚିବାଳୟ ସାମ୍ନା ପାନ ଦୋକାନ ହେଉ ଅବା କମିଶନରେଟ ପୋଲିସ କାର୍ଯ୍ୟାଳୟ କାନ୍ଥକୁ ଲାଗିଥିବା ଓମଫେଡ଼, ଥାନା ପାଖରେ ଥିବା ଦୋକାନ କଥା କହିବା ଭଲ। ସବୁଠି ସମାନ ଅବସ୍ଥା। ସର୍ବସାଧାରଣ ସ୍ଥାନରେ ସିଗାରେଟ ଟାଣିବା ଓ ଗୁଟଖା ବିକିବା ଆଇନ ତା ଅପରାଧ ହୋଇଥିଲେ ବି ଏଥିପ୍ରତି କାହାରି ନଜର ନାହିଁ। ଠିକ ମାର୍ଚ୍ଚ ମାସ ହେଲାବେଳକୁ ପୋଲିସର ଚେତା ଫେରିବ। କିଛି ଦିନ ଚଢ଼ଉ କରି ଫାଇନ କରିବ। ତାପରେ ପୁଣି ଅପେକ୍ଷା ରହିବ ଆସନ୍ତା ବର୍ଷ ମାର୍ଚ୍ଚ ମାସକୁ। ବିନ୍ଦାସ ଚାଲିଛି ପାନ, ଗୁଟଖାଠୁ ନେଇ ସିଗାରେଟ ବେପାର। ୨୦୧୩ରେ ଗୁଟଖା ଉପରେ କଟକଣା ଲାଗିଥିଲା। ହେଲେ ସରକାରଙ୍କ ସେହି ଆଇନ ମଧ୍ୟ ଏବେ ନାଳିଫିଂତା ତଳେ ଦବି ଯାଇଛି। କାରଣ ଏହି ନିୟମକୁ ପାଳନ କରିବା ଲାଗି ଦାୟିତ୍ୱ ନେଇଥିବା ଖୋଦ ପ୍ରଶାସନିକ କର୍ମଚାରୀମାନେ ଏଥିରେ ବୁଡ଼ି ଯାଇଛନ୍ତି। ଢ଼ିଲା ମାରିଛନ୍ତି କର୍ତ୍ତବ୍ୟରେ। କେବଳ ଯେ ସାଧାରଣ ଲୋକ ସର୍ବସାଧାରଣ ସ୍ଥାନରେ ସିଗାରେଟ ଟାଣୁଛନ୍ତି ତାହା ନୁହେଁ ବରଂ ପୋଲିସ ଆରମ୍ଭ କରି ଅନେକ ନାଲିବତି ଚଢ଼ା ବଡ଼ବଡ଼ିଆ ବାବୁମାନେ ବି ବିଚ ବଜାରରେ ଧୂଆଁ ଉଡାଉଛନ୍ତି। ଏହି ପ୍ରଶ୍ନ ସେମାନଙ୍କୁ କିଏ କହିବ? ତେଣୁ ନିୟମ ଗଢୁଥିବା ବ୍ୟକ୍ତି ଯଦି ନିୟମ ଭାଙ୍ଗିଲେ ପରିସ୍ଥିତି ଯାହା ହୁଏ ତାହା ଏବେ ସର୍ବ ସମ୍ମୁଖରେ। ଡାକ୍ତରଖାନା ପରିସର, ସରକାରୀ କାର୍ଯ୍ୟାଳୟ, କୋର୍ଟ ପରିସର, ରେଳବାଇ ପ୍ରତିଷ୍ଠା କେନ୍ଦ୍ର, ହୋଟେଲ, ପାଠାଗାର, ପ୍ରେକ୍ଷାଳୟ, ବସଷ୍ଟାଣ୍ଡ, ବିମାନବନ୍ଦର ଆଦି ସ୍ଥାନରେ ଏବେ ଉଡୁଛି ସିଗାରେଟ ଧୂଆଁ ଓ ଗୁଟଖା। ଯାହାକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ରାତି ପାହିଲେ ହଜାରେ ନିୟମ। ଏଇଟା କରିବନି ପୁଣି ସେଇଟା କରିବନି। ଜନସାଧାରଣଙ୍କ ହିତ ପାଇଁ ଏମିତି କେତେକଣ ପଦକ୍ଷେପ ନିଆଯାଉଛି। ହେଲେ ସେ ସବୁ କେତେ ଦୂର କାର୍ଯ୍ୟକାରୀ ହେଉଛି ତାହା ସମସ୍ତଙ୍କୁ ଜଣା। ଲାଗୁ ହେଉଥିବା ନିୟମକୁ ପ୍ରଥମେ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଏ। ମାସ ବିତିନଥାଏ ପୁଣି ଯେଶାକୁ ତେଶା। ସେ କାରରୁ କଳାକାଚ ହଟାଇବା ଅଭିଯାନ ହେଉ ଅବା ଶବ୍ଦ ପ୍ରଦୂଷଣ ଲାଗି ଗାଡ଼ି ଚେକିଂ। ସବୁକିଛି ଅଧା ରାସ୍ତାରେ ବାଟବଣା ହୁଏ। ଠିକ ଏପରି ଅବସ୍ଥା ହୋଇଛି ଗୁଟଖା ଓ ଧୂମପାନ ଆଇନର। ଭାରତ ସରକାରଙ୍କ ପକ୍ଷରୁ ୨୦୦୪ ମସିହା ଠାରୁ ମେ ମାସ ୩୧ ତାରିଖକୁ ଧମୂପାନ ନିଷେଧ ଦିବସ ରୂପେ ପାଳନ କରାଯାଉଛି। ଏବେ ଏହି ଆଇନ ପ୍ରଣୟନ ହେବା ୧୫ ବର୍ଷ ହେଲାଣି। ପରିସ୍ଥିତି କିନ୍ତୁ ଯଥା ପୂର୍ବଂ ତଥା ପରଂ। କିଛି ବି ସୁଧାର ଆସିନି। ଖାଲି ମେ' ମାସ ଆସିଲେ ଦିନେ କିମ୍ବା ଦୁଇଦିନ ଧରି ଲୋକ ଦେଖାଣିଆ ଭାବେ ଦୋକାନ ବଜାର ଉପରେ ଚଢ଼ଉ ହୁଏ। ଗୁଟୁଖା ଏବଂ ସିଗାରେଟ ଜବନ କରାଯାଏ। ପୋଲିଶ କମିଶନର କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ଘଟଣା ବିଷୟରେ ଜଣାନ୍ତି। ତାପରେ ସବୁ ସରିଲା। ତା ଛଡ଼ା ବର୍ଷ ୨୦୦୮ ଅକ୍ଟୋବର ୨ରୁ ସର୍ବସାଧାରଣରେ ଧୂମପାନ ନିଷେଧ ଆଇନ ସାରା ଦେଶରେ ବଳବତ୍ତର ରହିଛି। ଏତିକି ନୁହେଁ ୨୦୧୦ରେ ସଂଶୋଧିତ ଆଇନ ଅନୁଯାୟୀ ସିଗାରେଟ କିମ୍ବା ତମାଖୁ ଜାତ ଦ୍ରବ୍ୟ ପ୍ୟାକେଟ ଉପରେ ସ୍ୱାସ୍ଥ୍ୟସତର୍କତା ଚିତ୍ର ପ୍ରଦର୍ଶନ କରାଯିବା ବାଧ୍ୟତାମୂଳକ ହୋଇଛି। ୧୮ ବର୍ଷରୁ କମ ବୟସର ପିଲାଙ୍କୁ ସିଗାରେଟ ବିକ୍ରି କରିବା ସହ କିଣିବା ଉପରେ କଟକଣା ଲାଗୁ ହୋଇଛି। ଯାହାର କାଣିଚାଏ ବି ପାଳନ ହେଉନି। ସବୁ କିଛି ଆଇନ କାଗଜ କଲମରେ ଅଟକି ରହିଛି। ଅଭିଯୋଗ ହୋଇଛି ଏ ଆଇନ କାର୍ଯ୍ୟକାରୀ ନ ହେବାର ମୁଖ୍ୟ କାରଣ ହେଉଛି ପ୍ରଶାସନିକ ଅଧିକାରୀ। ଏମାନେ ସର୍ବସାଧାରଣ ସମ୍ମୁଖରେ ଧୂମପାନ କରିବା ସହ ପାନଗୁଟଖା ଖାଉଛନ୍ତି। ସର୍ବସାଧାରଣ ସ୍ଥାନରେ ସିଗାରେଟ ଟାଣିଲେ ୨୦୦ ଟଙ୍କା ଜରିମାନା ଦେବାର ଆଇନ ରହିଛି। ଆଶ୍ଚର୍ଯ୍ୟର କଥା ଯେଉଁ କିଛିଦିନ ଏ ନେଇ ଯାଞ୍ଚ ହୁଏ ତାକୁ ଲୋକଙ୍କ ଠାରୁ ଫାଇନ ମଧ୍ୟ ହୁଏ। ହେଲେ ଅନ୍ୟ ସମୟରେ କେହି ଜଣେ ବ୍ୟକ୍ତି ଏଥିରେ ଦଣ୍ଡିତ ହେବାର ନଜିର ନାହିଁ। ଅନ୍ୟପକ୍ଷରେ ତମାଖୁ ସେବନ ସ୍ୱାସ୍ଥ୍ୟ ପକ୍ଷରେ କ୍ଷତି କାରକ। ଏହାଦ୍ୱାରା କ୍ୟାନସର, ପକ୍ଷାଘାତ, ହୃଦରୋଗ ଭଳି ବହୁ ରୋଗ ହୋଇଥାଏ। ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖି ସରକାର ଏପରି ନିୟମ ଲାଗୁ କରିଛନ୍ତି ବୋଲି କୁହାଯାଉଛି। କିନ୍ତୁ ଏ କେବଳ ଭାଷଣ ବାଜି। ପ୍ରକୃତରେ ଯଦି ସରକାର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଚିନ୍ତା କରିଥାନ୍ତେ ତେବେ ସର୍ବସାଧାରଣ ସ୍ଥାନରେ ଲଗାମ ନେଇ ସିଧା ତମାଖୁ ଉତ୍ପାଦନକାରୀଙ୍କୁ ରୋକ ଲଗାଇ ପାରନ୍ତେ। ଏଥିରୁ ପ୍ରମାଣ ହେଉଛି ରାଜସ୍ୱ ପାଣ୍ଠିକୁ ହୁହୁ ହୋଇ ବଢ଼ାଇବା ଲାଗି ସରକାରଙ୍କ୍ କଏହା ଆଉ ଏକ ଚାଲ।


ଗିରିଧାରୀ ସାମଲ

*ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ, ଦୂରଭାଷ : ୯୪୩୭୪୫୦୧୧୪*

# ଗୁଡ଼ିର ମୃତ୍ୟୁ ଫାଶ ଓ ମାଞ୍ଜା ସୂତା

କଟକ ଜିଲ୍ଲାରେ ମାଞ୍ଜା ସୂତା ବ୍ୟବହାର ଓ ବିକ୍ରି ସମ୍ପୂର୍ଣ୍ଣ ନିଷେଦ୍ଧ କରାଯାଇଛି। ମାନ୍ୟବର ହାଇକୋର୍ଟଙ୍କ ଜାନୁଆରୀ ୯ ତାରିଖର କଡ଼ା ନିର୍ଦ୍ଦେଶ ପରେ କଟକର ଜିଲ୍ଲାପାଳ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ ମାଞ୍ଜା ଦିଆଯାଇଥିବା ନାଇଲନ ବା ଅନ୍ୟ ସୂତା ତିଆରି, ବିକ୍ରି, ରଖିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ। ପଶୁ, ପକ୍ଷୀ ଓ ମଣିଷଙ୍କ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ଆଇନର ଧାରା ୫ ରେ ଏପରି ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ମାଞ୍ଜା ସୂତାରେ କଟି ନିକଟରେ କେତେକ ବ୍ୟକ୍ତି ଗୁରୁତର ଆହତ ହୋଇଥିବାବେଳେ ଅତୀତରେ କେତେକ ଘଟଣାରେ ଲୋକମାନଙ୍କ ଜୀବନ ଯାଇଛି। ମକର ସଂକ୍ରାନ୍ତି ଅବସରରେ ସବୁଆଡ଼େ ଗୁଡ଼ିର ମାହୋଲ ଦେଖାଯାଏ। ମକର ଯେତିକି ପାଖେଇ ପାଖେଇ ଆସେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁଡ଼ି ଉଡା ପର୍ବ ସେତିକି ଅଧିକରୁ ଅଧିକ ଦେଖିବାକୁ ମିଳେ। ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଏହା ବିଶେଷ ଭାବରେ ପରିଲକ୍ଷିତ ହୁଏ। କଟକ ମହାନଗର କାଠଯୋଡ଼ି ବାଲିରେ ପ୍ରତିବର୍ଷ ଗୁଡ଼ି ଉଡା ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଏହାବାଦ ଛୋଟ ପିଲାଙ୍କ ଠାରୁ ବଡ଼ ପର୍ଯ୍ୟନ୍ତ ନିଜ ଘରର ଛାତ ଉପରେ ବସି ଉଡେଇବା ପାଇଁ ଅନେକ ଲୋକ ପସନ୍ଦ କରନ୍ତି। ଶୀତଋତୁ ଥିବାରୁ ପବନର ତୀବ୍ରତା ନଥାଏ ଏବଂ ଏହି ଅବସରରେ ଗୁଡ଼ି ଉଡାଇବା ବେଶ ଆମୋଦଦାୟକ ହୋଇଥାଏ। ଖାଲି ସେତିକି ନୁହେଁ, ଆକାଶରେ ଉଡୁଥିବା ଆଉ ଏକ ଗୁଡ଼ିକୁ କାଟି ଖସାଇ ଦେବା ପାଇଁ ଏକ ପ୍ରତିଯୋଗିତା ମଧ୍ୟ ଲାଗେ। ଏହି ପ୍ରତିଯୋଗିତା ବର୍ତ୍ତମାନ ଆତ୍ମଘାତୀ ପ୍ରତିଯୋଗିତାରେ ପରିଣତ ହୋଇଛି। ଗୁଡ଼ି ଉଡ଼େଇବା ପାଇଁ କୌଣସି ନୀତିନିୟମ କି କଟକଣା ନାହିଁ। କିନ୍ତୁ ଗୁଡ଼ି ଉଡାରେ ବ୍ୟବହୃତ ହେଉଥିବା ସୂତା ହେଉଛି ଏକ ଭୟଙ୍କର ଅସ୍ତ୍ର। ଏହି ସୂତା ଲାଗି ପୂର୍ବ ବର୍ଷମାନଙ୍କରେ ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ଜୀବନ ଯାଇଛି। ଯେଉଁମାନଙ୍କ ବୟସ ୧୫ରୁ ୨୨ ବର୍ଷ ଭିତରେ। ଭଙ୍ଗାକାଚକୁ ଗୁଣ୍ଡ କରି ସୂତାରେ ଅଠା ଗୋଳାଇ ଏହି କାଚ ଗୁଣ୍ଡକୁ ଲଗାଇ ଅନ୍ୟର ଗୁଡ଼ି ଗୁଡ଼ିକୁ କାଟିବା ପାଇଁ ମାଞ୍ଜା ସୂତା ବ୍ୟବହାର କରାଯାଏ। ଏହି ଗୁଡ଼ିର ସୂତା ରାସ୍ତାରେ ଯାଉଥିବା ଲୋକଙ୍କ ଶରୀରରେ ବାଜିଲେ ତାକୁ କାଟି ପକାଏ ଏବଂ ପୂର୍ବ ବର୍ଷମାନଙ୍କରେ ଯେତିକି ଜୀବନ ଯାଇଛି ସେମାନଙ୍କ ସମସ୍ତଙ୍କର ବେକରେ ମାଞ୍ଜା ସୂତା ଲାଗି ତଣ୍ଟି କଟିଛି। ଏହି ମାଞ୍ଜା ସୂତାର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ୨୦୧୬ ମସିହାରେ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ଦାଏର ହୋଇଥିଲା ଏବଂ ମାନବ୍ୟର ଉଚ୍ଚ ନ୍ୟାୟଳୟ କଟକଣା ଲଗାଇଥିଲେ। ଖାଲି ସେତିକି ନୁହେଁ ରାଜ୍ୟ ସରକାରଙ୍କୁ ମାଞ୍ଜା ସୂତା ଉପରେ କଟକଣା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୭ ମସିହାରେ ମାଞ୍ଜା ସୂତାର ପ୍ରସ୍ତୁତି ଏବଂ ବିକାକିଣା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଥିଲା। ଏହାବାଦ ରାଜ୍ୟରେ ଗୁଡ଼ି ଉଡାଇବାରେ ଏହି ମାଞ୍ଜା ସୂତା ବ୍ୟବହାର ହେଉଛି। ବିଶେଷକରି ମକରପର୍ବ ପାଳନ ଅବସରରେ ଗୁଡ଼ି ଉଡା ଏକ ସଉକ ଭାବରେ ଲୋକେ ପାଳନ କରିଥାନ୍ତି। ତା ପୂର୍ବରୁ ରାଜ୍ୟ ସରକାର ବଜାରରେ ଚଢ଼ାଉ କରି ମାଞ୍ଜା ସୂତା ବିକ୍ରେତା, କ୍ରେତା ଏବଂ ପ୍ରସ୍ତୁତକର୍ତ୍ତା ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ରାସ୍ତାରେ ଯାତାୟତ କରୁଥିବା ସାଧାରଣ ନିରୀହ ଲୋକ ଏହି ମାଞ୍ଜା ସୂତାରେ ଆହତ କିମ୍ବା ମୃତ୍ୟୁବରଣ କରୁଛନ୍ତି। ତେଣୁ ଏ ପ୍ରକାରର ସୂତା ବ୍ୟବହାର କରି ଗୁଡ଼ି ଉଡାଉଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ହତ୍ୟା ଷଡ଼ଯନ୍ତ୍ର ଅପରାଧରେ ଗିରଫ କରାଯିବା ଉଚିତ। ଏଭଳି ଏକ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କୁ ଗାଇଡ଼ଲାଇନ ଆଣିବା ନିମିତ୍ତ ହାଇକୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ପୂର୍ବରୁ ରୁଜୁ ହୋଇ ସାରିଥିବାରୁ, ଏଭଳି ଏକ ପ୍ରସଙ୍ଗକୁ ରାଜ୍ୟ ସରକାର ହାଲୁକା ଭାବେ ଗ୍ରହଣ କରିବା ଅନୁଚିତ। ଏହା ଏପରି ଏକ ଆତଙ୍କ ଯେ କେତେବେଳେ କାହାଠାରେ କାହାବେକରେ ଏହି ମାଞ୍ଜା ସୂତା ଲାଗିଯିବ ତାର କଳନା ମଧ୍ୟ କେହି କରିପାରିବେ ନାହିଁ। ଆକାଶରେ ବଜ୍ରପାତ ଭଳି ଆଖି ପିଛୁଳାକେ ମାଞ୍ଜା ସୂତା ଆସି ତଣ୍ଟି କାଟି ଚାଲିଯିବ। ତେଣୁ ଏ ପ୍ରକାରର ଏକ ଆମୋଦକୁ ଜନଗହଳି ଭିତରେ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ପାଇଁ ସରକାର ପଦକ୍ଷେପ ନେବା ଉଚିତ। ଜନଗହଳି ଅଞ୍ଚଳରେ ଯେତେ ଉଚ୍ଚର ଛାତ ହେଲେ ବି ଗୁଡ଼ି କଟିଗଲେ ତାର ସୂତା ତଳେ ପଡ଼ିବା ନିଶ୍ଚିତ ଏବଂ ଏହି ସୂତା କାହା ପାଇଁ ମୃତ୍ୟୁ ଦୂତ ସାଜିବ କେହି ବି ଆକଳନ କରିପାରିବେ ନାହିଁ। ଏ ଦୃଷ୍ଟିରୁ ଗୁଡ଼ି ଉଡାକୁ ମଧ୍ୟ କଟକଣା ଭିତରେ ରଖାଯିବା ଉଚିତ।


ବାଦଲ ଭୂୟାଁ

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨/୯୨୦୪୬୫୨୦୬୫,*
*E-mail : badal009bhuyan@gmail.com*

# ସଂସ୍କୃତି ଓ ଐତିହ୍ୟର ମୁଖଶାଳା ଜଗତସିଂହପୁର

ଜାନୁଆରୀ ୧୫ ରୁ ୨୧ ତାରିଖ ପ୍ରର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲା ମହୋତ୍ସବ କଲ୍ଲୋଳ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଉତ୍ସବ ହେଉଛି ଆମ ଗୌରବୋଜ୍ଜ୍ୱଳ ଐତିହ୍ୟ, ସଂସ୍କୃତି, କଳା ଓ ପରମ୍ପରାର ପ୍ରତୀକ। ଏଥିପାଇଁ ସମଗ୍ର ଜିଲ୍ଲା ଚଳାଚଞ୍ଚଳ। ଏଇଠି ମନେପଡ଼େ ୧୯୯୩ ମସିହାରେ ଜଗତସିଂହପୁର ଜିଲ୍ଲା ଗଠନ ହେବାପରେ ଏହି ମହୋତ୍ସବ ଏପ୍ରିଲ ପହିଲାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଳନ କରାଯାଉଥିଲା। ଚଳିତ ବର୍ଷ ଏହାକୁ କଲେଜଛକସ୍ଥିତି ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମ୍‌ରେ ଆୟୋଜନ କରାଯାଉଛି। ଏଥିସହିତ ପୂର୍ବରୁ ମହାବାତ୍ୟା ପରେ ଜାନୁଆରୀ ୧୫ ରୁ ୨୧ ତାରିଖ ପର୍ଯ୍ୟନ୍ତ ପାଳନ ହେଉଥିବା ପୁସ୍ତକମେଳାକୁ ପ୍ରଥମଥର ପାଇଁ ଜିଲ୍ଲା ଉତ୍ସବ ସହିତ ଯୋଡ଼ାଯାଇଛି। ସେ ଯାହା ହେଉନ କାହିଁକି ଏହା ଜିଲ୍ଲା ବାସୀଙ୍କ ପାଇଁ ଖୁସିର ସମୟ। ସମସ୍ତଙ୍କ ମିଳିତ ପ୍ରୟାସରେ ଏହା ସରସ ଓ ସୁନ୍ଦର ହୋଇପାରିବ ବୋଲି ଆଶା କରାଯାଏ। ବିଶେଷ କରି ଜିଲ୍ଲାପାଳ ତଥା ଅଧକ୍ଷା ଜିଲ୍ଲା ସଂସ୍କୃତି ପରିଷଦ ଶ୍ରୀମତୀ ପାରୁଲ ପଟାୱରୀ, (ଭା.ପ୍ର.ସେ)ଙ୍କ ନିରବଚ୍ଛିନ୍ନ ପ୍ରଚେଷ୍ଟା ଏହାକୁ ଅଧିକ ସଫଳ କରିବ ବୋଲି ଜିଲ୍ଲାବାସୀ ଚାହିଁ ରହିଛନ୍ତି। ଆମର ଭାଷା, ଆମ ସାହିତ୍ୟ ଓ ଆମ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ହିଁ ଆମର ପରିଚୟ । ଭାଷାକୁ ଭିତ୍ତିକରି ପ୍ରଥମ ରାଜ୍ୟ ଭାବରେ ଓଡିଶା ପ୍ରଦେଶ ଗଠିତ ହୋଇଥିଲା । ଓଡିଆ ଭାଷାକୁ ନୂତନ ଦିଶା ଦେବାରେ ଏ ମାଟିର ମହାକବି ସାରଳା ଦାସଙ୍କ ସାଧନାସିକ୍ତ ସାରସ୍ୱତ ଅବଦାନ ଯଥାର୍ଥରେ ଅତୁଳନୀୟ । ସମସାମୟିକ ସମାଜରେ ସଂସ୍କୃତ ଭାଷାର ପ୍ରାଧାନ୍ୟକୁ ପ୍ରତିହତ କରି ଓଡିଆ ଭାଷାରେ ସଂସ୍କୃତ ସମକକ୍ଷ କାବ୍ୟ ରଚନା କରି ସେ ଓଡିଆ ଭାଷାର ଯେଉଁ ମୂଳଦୁଆ ପକାଇଥିଲେ ପରବର୍ତ୍ତୀ ସମୟରେ ଭାଷା ଭିତ୍ତିକ ପ୍ରଦେଶ ପାଇବାରେ ଆମେ ସମର୍ଥ ହୋଇଥିଲେ । ପରବର୍ତ୍ତୀ ସମୟରେ ଏ ମାଟିର ବହୁ ସାରସ୍ୱତ ପ୍ରତିଭା ସ୍ୱୀୟ ଲେଖନୀ ଚାଳନା କରି ଓଡିଆ ଭାଷାକୁ ଋଦ୍ଧିମନ୍ତ କରିଛନ୍ତ । ସେମାନଙ୍କ ମଧ୍ୟରେ ଅଛନ୍ତି ଜ୍ଞାନପୀଠ ପୁରସ୍କାର ବିଜୟିନୀ ଔପନ୍ୟାସିକା ଡଃ. ପ୍ରତିଭା ରାୟ, ଶିଶୁ ସାହିତ୍ୟିକ ଡଃ. ମହେଶ୍ୱର ମହାନ୍ତି, ବିଷୁବ ପୁରସ୍କାର ବିଜେତା ସମାଲୋଚକ ପ୍ରଫେସର ନିତ୍ୟାନନ୍ଦ ଶତପଥୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ଔପନ୍ୟାସିକ ବିଭୂତି ପଟ୍ଟନାୟକ, ସୁ-ସାହିତ୍ୟିକ ପରମାନାନ୍ଦ ଅଧିକାରୀ, ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସଂସ୍କୃତ ପଣ୍ଡିତ ସୁଦର୍ଶନ ଆଚାର୍ଯ୍ୟ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପଣ୍ଡିତ ଗୋବିନ୍ଦ ମିଶ୍ର, ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକା ପ୍ରଜ୍ଞା ପାରାମିତା ଶତପଥୀ ଓ ଆହୁରି ଅନେକ ନିଜସ୍ୱ ରଚନାରେ ସେମାନେ ପ୍ରତିଷ୍ଠିତ ହେବା ସହ ରାଜ୍ୟ ଓ ଜାତୀୟ ସ୍ତରରେ ସମ୍ମାନିତ ହୋଇ ଏ ମାଟି ପାଇଁ ଗୌରବ ଆଣିଛନ୍ତି ।ଭାରତରର ମୁକ୍ତି ସଂଗ୍ରାମକୁ ଜଗତସିଂହପୁରର ଅବଦାନ ଅତୁଳନୀୟ । ଦେଶର ଅନ୍ୟ ରାଜ୍ୟ ଭଳି ଓଡିଶା ବିଶେଷ କରି ଜଗତସିଂହପୁରର ବହୁ ସଂଗ୍ରାମୀ ସ୍ୱାଧୀନତା ସଂଗ୍ରାମରେ ଝାସଦେଇ ଲାଠି ମାଡ ଖାଇଛନ୍ତି ଓ କାରାବରଣ କରିଛନ୍ତି । ଏ ମାଟିର ସୁଯୋଗ୍ୟ ସନ୍ତାନ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଭାଗିରଥୀ ମହାପାତ୍ର, ପଣ୍ଡିତ ପ୍ରାଣକୃଷ୍ଣ ପଢିଆରୀ, ନାରାୟଣ ବୀରବର ସାମନ୍ତ, ଗୌରଙ୍ଗ ଚରଣ ଦାସ, ହରେକୃଷ୍ଣ ବିଶ୍ୱାଳ, ଜାତୀୟ କବି ବୀରକିଶୋର, ଉଦୟନାଥ ଷଡଙ୍ଗୀ ଓ ଆହୁରି ଅନେକ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ଏଥିସହିତ ଏ ମାଟିର ମହୀୟସୀ ମହିଳାମାନଙ୍କ ଯୋଗଦାନ କୌଣସି ଗୁଣରେ କମ୍ ନଥିଲା । ସେମାନଙ୍କ ମଧ୍ୟରେ ରମାଦେବୀ, ମାଳତୀ ଚୌଧୁରୀ, ସରଳା ଦେବୀ ଓ ଅନ୍ନପୂର୍ଣ୍ଣା ମହାରଣା ଆଗ୍ରଗଣ୍ୟା ।ଶିକ୍ଷା ଓ ବିଜ୍ଞାନ କ୍ଷେତ୍ରରେ ଏ ମାଟିର ମହକ ଆନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ପରିବ୍ୟାପ୍ତ । ସେମାନଙ୍କ ମଧ୍ୟରେ ଅଛନ୍ତି ବିଶ୍ୱବିଖ୍ୟାତ ବୈଜ୍ଞାନିକ ଡଃ. ପ୍ରାଣକୃଷ୍ଣ ପରିଜା, ପ୍ରଜ୍ଞାପୁରୁଷ ଡଃ. ଶ୍ରୀରାମଚନ୍ଦ୍ର ଦାଶ, ବୈଜ୍ଞାନିକ ବଂଶୀଧର ପରିଜା, ସୁଦର୍ଶନ ସାସମଲ, ପ୍ରଫେସର ହୃଦାନନ୍ଦ ରାୟ, ଶିକ୍ଷାବିତ୍ ସୂର୍ଯ୍ୟକାନ୍ତ ଦାସ, ଯୋଗେନ୍ଦ୍ରନାଥ ଦାଶ, ନୃସିଂହ ଚରଣ କାନୁନ୍‌ଗୋ, ବୈକୁଣ୍ଠନାଥ ଆଚାର୍ଯ୍ୟ, ସୁରପ୍ରସାଦ ମହାପାତ୍ର ଓ ଅନ୍ୟାନ୍ୟ ପ୍ରତିଭାଦୀପ୍ତ ବରେଣ୍ୟ ବ୍ୟକ୍ତିଗଣ । ସେହିପରି କଳା ନାଟକ କ୍ଷେତ୍ରରେ ଜଗତସିଂହପୁର ଅବଦାନ ପ୍ରଣିଧାନ ଯୋଗ୍ୟ । ଏ ମାଟିର ପ୍ରମୁଖ ଯାତ୍ରାଦଳ ଓଡିଶା ତଥା ଓଡିଶା ବାହାରେ ସୁନାମ ଅର୍ଜନ କରିଛନ୍ତି । ଖାଲି ସେତିକି ନୁହେଁ ଅନେକ ନାଟ୍ୟକାର ଉନ୍ନତମାନର ନାଟକ ରଚନା କରି ଏ ଅଞ୍ଚଳର ଗୌରବ ବୃଦ୍ଧି କରିଛନ୍ତି । ସେମାନଙ୍କ ମଧ୍ୟରେ ଗୀତିନାଟ୍ୟକାର କବି ବାଳକୃଷ୍ଣ ମହାନ୍ତି, ରାମଚନ୍ଦ୍ର ସ୍ୱାଇଁ ତଥା ନାଟ୍ୟକାର ସୁଧାକର ଦ୍ୱିବେଦୀ, ଇଂ. କିଶୋର ମହାପାତ୍ର, ଜଗଦୀଶ ତ୍ରିପାଠୀ, ଉତ୍ତମ ଦାସ, କୈଳାଶ ମଲ୍ଲିକ, ହର ବାରିକ ଓ ଆଶୁତୋଷ ମହାପାତ୍ରଙ୍କ ନାମ ଉଲ୍ଲେଖଯୋଗ୍ୟ । ଅଭିନୟ ପ୍ରଦର୍ଶନରେ ମଧ ଏ ମାଟିର ଚମକ ଅନନ୍ୟ । ଆର୍ତ୍ତବନ୍ଧୁ ରାଉତରାୟଙ୍କ ଠାରୁ ଆରମ୍ଭ କରି ଉତ୍ତମ ପାଳ, ଶଙ୍କର୍ଷଣ ପଣ୍ଡାଙ୍କ ଠାରୁ ଆରମ୍ଭ କରି ଦେବୀ ରଥ ଏପରିକି ଚଳଚିତ୍ର ଜଗତର ଦୁଃଖିରାମ ସ୍ୱାଇଁଙ୍କ ପର୍ଯ୍ୟନ୍ତ ସବୁଠି ସେଇ କଳାର ମଣିଷମାନଙ୍କର ଅଭୁଲା ଅଭିନୟର ଚର୍ଚ୍ଚା । ରାଜନୀତି କ୍ଷେତ୍ରରେ ମଧ୍ୟ ଓଡିଶା ମାନଚିତ୍ରରେ ଏ ମାଟି ବିଶେଷ ସ୍ଥାନର ଅଧିକାରୀ । ସ୍ୱାଧୀନତା ପୂର୍ବରୁ ୧୯୩୭ ମସିହାରେ ତିର୍ତ୍ତୋଲ-ଏରସମା ନିର୍ବାଚନ ମଣ୍ଡଳୀରୁ ବିପ୍ଳବୀ ଜନନାୟକ ନବକୃଷ୍ଣ ଚୌଧୁରୀ ନିର୍ବାଚିତ ହୋଇ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ପରେ ସେ ଓଡିଶାର ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରିଥିଲେ । ସ୍ୱାଧୀନତା ପରେ ପରବର୍ତ୍ତୀ ସମୟରେ ନିଶାମଣି ଖୁଣ୍ଟିଆ, ପ୍ରତାପ ଚନ୍ଦ୍ର ମହାନ୍ତି, ଲୋକନାଥ ଚୌଧୁରୀ, ବିପିନ ବିହାରୀ ଦାସ, ନିତ୍ୟାନନ୍ଦ କାନୁନ୍‌ଗୋ, ବୈକୁଣ୍ଠ ମହାନ୍ତି, ବାସୁଦେବ ମହାପାତ୍ର, ଲକ୍ଷ୍ମଣ ମଲ୍ଲିକ, ବସନ୍ତ ବିଶ୍ୱାଳ, ବିଷ୍ଣୁ ଦାସ ପ୍ରମୁଖ ରାଜନୀତିରେ ସେମାନଙ୍କର ସ୍ୱତନ୍ତ୍ର ପରିଚୟ ଛାଡ଼ିଯାଇଛନ୍ତି । ସେହିପରି ଓଡ଼ିଶା ରାଜନୀତିର ଅନନ୍ୟ ରାଜନେତା ଭାବେ ଡା. ଦାମୋଦର ରାଉତ ସୁପରିଚିତ। ଏଥିସହିତ ଚିରଞ୍ଜୀବ ବିଶ୍ୱାଳ, ରଞ୍ଜୀବ ବିଶ୍ୱାଳ, ଡ଼ା. କୁଳମଣୀ ସାମଲ, ଡ଼ା. ରାଜଶ୍ରୀ ମଲ୍ଲିକ, ପ୍ରଶାନ୍ତ ମୁଦୁଲି, ରଘୁନନ୍ଦନ ଦାସ, ବିଜୟ ଶଙ୍କର ଦାସ, ସମ୍ବିତ୍ ରାଉତରାୟ ଓ ଆହୁରି ଅନେକ ରାଜନୀତିରେ ପଦାର୍ପଣ କରି ସୁନାମ ଅର୍ଜନ କରିଛନ୍ତି । ଏ ମାଟି କଥା କୁହା ମାଟି । ଏ ମାଟିରେ ଟେକାଟିଏ ପଡିଲେ ସେ କଥା କୁହେ । ସୃଜନଶୀଳତାର ସୁନାର ଫସଲ ଠାରୁ ଆରମ୍ଭ କରି ସ୍ୱାଧୀନତା ସଂଗ୍ରାମର କଣ୍ଟକିତ ପଥ, କଳା, ସଂସ୍କୃତି ଐତିହ୍ୟର ଉଜ୍ଜ୍ୱଳ ପରମ୍ପରା ଠାରୁ ଆରମ୍ଭ କରି ରାଜନୀତି ଓ ଶିକ୍ଷାର ବୃହତ୍ତର କ୍ଷେତ୍ର ପର୍ଯ୍ୟନ୍ତ ସବୁଠି ଏ ମାଟିର ବାସ୍ନା ବେଶ୍ ବାରିହୋଇପଡେ । କେବଳ ଆମ ରାଜ୍ୟ ନୁହେଁ ସାରା ଦେଶରେ ଏ ମାଟିର କୀରତି ଗାଥା ଗୁଞ୍ଜରିତ ହୁଏ । ଜଗନ୍ନାଥ ସଂସ୍କୃତି ହିଁ ଏଇ ଜାତିର ପରିଚୟ । ଏ ଜାତିର ଆରାଧ୍ୟ ଦେବତା ଗତ ନବକଳେବର ସମୟରେ ବଡଠାକୁର ପ୍ରଭୁ ବଳଭଦ୍ର, ଜଗତରନାଥ ଶ୍ରୀଜଗନ୍ନାଥ ଓ ମା'ସୁଭଦ୍ରାଙ୍କ ତିନି ଦାରୁ ଏହି ଜିଲ୍ଲାରୁ ହିଁ ମିଳିଥିଲା । ଜଗନ୍ନାଥମୟ ହୋଇଯାଇଥିଲା ଏ ମାଟି । ଯାହା ଏଇ ମାଟିକୁ ସମଗ୍ର ବିଶ୍ୱରେ ଏକ ନିଆରା ପରିଚୟ ଦେଇଛି । ମା'ସାରଳାଙ୍କ ପୀଠ ଏ ମାଟି ନିକଟରେ ପୂର୍ବତନ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଆନ୍ତରିକ ଉଦ୍ୟମ ଓ ଇଚ୍ଛା ଶକ୍ତିରୁ ଜଗତସିଂହପୁର 'ବାଣୀକ୍ଷେତ୍ର'ର ମାନ୍ୟତା ପାଇଛି। ଯାହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଜିଲ୍ଲା ମହୋତ୍ସବ ପାଳନ ଅବସରରେ ଏବେ ଆମକୁ ଆତ୍ମସମୀକ୍ଷା କରିବାର ବେଳ ଆସିଛି । ପ୍ରେରଣା ପାଇଁ ଅତୀତର ଗୌରବ ଓ ଐତିହ୍ୟର ସ୍ମୃତିଚାରଣ, ବର୍ତ୍ତମାନ ତ୍ରୁଟି-ବିଚ୍ୟୁତିର ସମୀକ୍ଷା ଓ ଭବିଷ୍ୟତକୁ ଆହୁରି ସରସ ସୁନ୍ଦର କରିବାର ସଂକଳ୍ପ ଆମକୁ ନେବାକୁ ହେବ ।


ହିମାଂଶୁ ଶେଖର ଆଚାର୍ଯ୍ୟ

ସଭାପତି,ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

# ସାହିତ୍ୟ ଦର୍ପଣ



## ଗାଆଁରେ ଡ୍ରାମା



**ନିରଞ୍ଜନ ସାହୁ**

ସେଦିନ ଗାଆଁ ଡ୍ରାମାକୁ ନେଇ ଏକ ବିରାଟ ଗଣ୍ଡଗୋଳ ସୃଷ୍ଟି ହୋଇଗଲା । ଗୋଟିଏ ଗଣ୍ଡଗୋଳ ପରେ ଆଉ ଗୋଟିଏ ଅଘଟଣ ଘଟିବ କେହି ବି ଆଶା କରି ନ ଥିବା ବେଳେ ଏପରି ଏକ ଆକସ୍ମିକ ଗଣ୍ଡଗୋଳ ଗାଆଁରେ ପୁଲିସ ଛାଉଣୀ ଯାଏ କଥା ଗଲା । ଗାଆଁରେ ଶହେ ଚଉରାଳିଶ ଧାରା ଜାରି ହେଲା । ଏମିତି ନ ହୋଇଥାନ୍ତା ଅବା କିପରି ଗାଆଁରେ ସତସତିକା ଡ୍ରାମା ଚାଲିଛି ପରା । ପ୍ରତିବର୍ଷ ଦୋଳଯାତ୍ରା ଅବସରରେ ଗାଆଁରେ ତିନିତିନିଟା କ୍ଲବ ଆନୁକୂଲ୍ୟରେ ଛଅ ରାତି ଡ୍ରାମା ପରିବେଷଣ କରାଯାଇଥାଏ । ହେଲେ ଏସନ .. ଗାଆଁ ଡ୍ରାମାରେ ମୁହଁରେ ରଙ୍ଗ ପାଉଡର ଲଗାଇବା ବଦଳରେ ରକ୍ତଛିଟାର ଦାଗ ଲାଗିଗଲା ଅନେକଙ୍କ ଦେହରେ । ରଙ୍ଗ ବୋଳାବୋଳିର ରଙ୍ଗୀନ ମୁହୂର୍ତ୍ତ ସତକୁ ସତ ରକ୍ତରେ ଦୁଇ ଥର ହୋଲି ଖେଳାଇ ଦେଲା ଯେମିତି । କାହିଁ କେଉଁ କାଳରୁ ଗୀତିନାଟ୍ୟ ପରିବେଷଣ ଅମଳରୁ ଗାଆଁରେ ଗୋଟିଏ ନାଟ୍ୟ ଅନୁଷ୍ଠାନ ଗଢ଼ା ହୋଇ ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା ।ଯେଉଁମାନେ ସେତେବେଳେ ଅଭିନୟ କରୁଥିଲେ ସେ ସମସ୍ତେ ପ୍ରାୟ ଆଉ ଏବେ ଇହ ଜଗତରେ ନାହାନ୍ତି । ସମୟ କ୍ରମେ ସେମାନଙ୍କ ଉତ୍ତରାଧୀକାରୀ ମାନେ ଚାନ୍ଦାଭେଦା ଦେଇ ଏ ଅନୁଷ୍ଠାନକୁ ବଞ୍ଚାଇ ରଖିଥିଲେ । ଦୋଳ ମେଳଣରେ ପ୍ରଭୁ ରାଧାଦାମୋଦରଙ୍କ ମେଳଣ ଉତ୍ସବ ରାତି ଦଶଟା ମଧ୍ୟରେ ସାରିଦେଇ ମେଳଣ ପଡ଼ିଆରେ ସୁଆଙ୍ଗ ପରିବେଷଣ ହେଉଥିଲା । କ୍ରମେକ୍ରମେ ପୌରାଣିକ , କାଳ୍ପନିକ , ଐତିହାସିକ ଯାତ୍ରା ବାଟ ଦେଇ ଏବେ ସାମାଜିକ ନାଟକର ବହୁଳ ପ୍ରଚାର ପ୍ରସାର ଘଟୁଥିବାରୁ ଗାଆଁରେ ସାମାଜିକ ନାଟକ ପରିବେଷଣ କରାଯାଉଛି । ସେଦିନର ପଟା ପେଣ୍ଡାଲ , ପେଟ୍ରୋଲମାକ୍ସ ଲାଇଟ , ପାରମ୍ପରିକ ବାଦ୍ୟ ସମ୍ବଳିତ ନାଟକ ଏବେ ଅତ୍ୟାଧୁନିକ ସାଜସଜ୍ଜା , ଆଲୋକ , ଶବ୍ଦ , ଷ୍ଟିଲ ତିଆରି ମଞ୍ଚରେ ଆଗ ଅପେକ୍ଷା ଉନ୍ନତ ମାନର ନାଟକ ପରିବେଷଣ କରାଯାଉଛି । ତେବେ ଗାଆଁରେ ଗ୍ରାମ୍ୟ କଳାକାରମାନଙ୍କୁ ନେଇ ଯେଉଁ ନାଟକ ପରିବେଷଣ କରାଯାଇଥିଲା ତାହା ଏବେ କେବଳ ଗ୍ରାମ୍ୟ କଳାକାରଙ୍କ ଭିତରେ ସୀମିତ ହୋଇ ନାହିଁ । ସେଦିନ ନାରୀ ଚରିତ୍ରରେ ପୁରୁଷମାନେ ଅଭିନୟ କରୁଥିବା ବେଳେ ଏବେ ନାରୀମାନେ ନାରୀ ଚରିତ୍ରରେ ଅଭିନୟ କରୁଛନ୍ତି । ସେହିପରି ନୃତ୍ୟ ପାଇଁ ଗାଆଁ ବାହାରର କଳାକାରମାନେ ଯୋଗ ଦେଇଛନ୍ତି । ସଙ୍ଗୀତ ଗାନ , ବାଦ୍ୟଶିଳ୍ପୀ , ନିର୍ଦ୍ଦେଶକ ସମସ୍ତେ ବାହାର ଅଞ୍ଚଳର ଅଟନ୍ତି । କେବଳ ପୁରୁଷ ଚରିତ୍ରରେ ନିଜ ଗାଆଁର ପୁଅମାନେ ଅଭିନୟ କରୁଛନ୍ତି । ଏବେ ଗାଆଁରେ ଜନସଂଖ୍ୟାର ଅଭିବୃଦ୍ଧି ଫଳରେ ଅଭିନୟ ନିଶାରେ ପାଗଳ ଯୁବଶକ୍ତିମାନେ ଆଉ ଗୋଟିଏ ଅନୁଷ୍ଠାନରେ ସୀମିତ ନ ରହି ଆଉ ଦୁଇଟି ନାଟ୍ୟ ଅନୁଷ୍ଠାନ ଗଠନ କରି ନାଟକ ପରିବେଷଣ କରୁଛନ୍ତି । ଏଥିପାଇଁ ଗାଆଁରେ ତିନୋଟି ବଡ଼ବଡ଼ ପଡିଆକୁ ନିଜନିଜ କ୍ଲବ ପଡିଆ ନାଆଁରେ ଘୋଷଣା କରିଅଛନ୍ତି । ଗାଆଁର ଯୁବକମାନେ ତିନୋଟି ଗୋଷ୍ଠି ହୋଇ ଅଲଗା ଅଲଗା ଚିତ୍ରାଳୟ , ନାରୀ କଳାକାର , ନିର୍ଦ୍ଦେଶକମାନଙ୍କୁ ନେଇ ଡ୍ରାମା ପରିବେଷଣ କରୁଛନ୍ତି । ସେଥିପାଇଁ ମୋଟା ଅଙ୍କର ଚାନ୍ଦା ସଂଗ୍ରହ କରାଯିବା ସହିତ ଭବ୍ୟ କାର୍ଯ୍ୟକ୍ରମ କରୁଛନ୍ତି । କାର୍ଯ୍ୟକ୍ରମରେ ରାଜନେତା , ଚଳଚ୍ଚିତ୍ର କଳାକାର ,ବଡ଼ବଡ଼ ଠିକାଦାର ଅ।ଆମନ୍ତ୍ରିତ ହୋଇ ଆସୁଛନ୍ତି । ଯିଏ ଯେତେ ଅଧିକ ଚାନ୍ଦା ଦେଇପାରିବେ ସେ ଏବେ ଡ୍ରାମାମଞ୍ଚରେ ଅତିଥି ଆସନ ଅଳଙ୍କୃତ କରୁଅଛନ୍ତି ।

ଚଳିତ ବର୍ଷ ଗାଆଁରେ ପଞ୍ଚାୟତ ନିର୍ବାଚନ ଯୋଗୁଁ ଯେଉଁ ମନୋମାଳିନ୍ୟ ଅବସ୍ଥା ସୃଷ୍ଟି ହୋଇଛି ତାହାକୁ ସମ୍ଭାଳିବା କଷ୍ଟକର ହୋଇ ପଡିଥିବା ବେଳେ ସମସ୍ତଙ୍କ ମନକୁ ନେଇ କ୍ଲବମାନଙ୍କରେ ନାଟକ ପରିବେଷଣ କରିବା କଷ୍ଟକର ହୋଇ ପଡିଛି । ଦୋଳଯାତ୍ରା ପରେପରେ ଦଣ୍ଡଯାତ୍ରା ହେଉଥିବାରୁ ଚିତ୍ରାଳୟ ଓ ନାରୀ କଳାକାରମାନଙ୍କୁ ପାଇବା ବଡ଼ କଷ୍ଟକର ସମସ୍ୟା ଉପୁଜାଉଛି । ସେହିପରି ନିର୍ବାଚନ ପରେପରେ ଚାନ୍ଦାଭେଦା ଦେବା ବହୁତ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ପ୍ରତି ଅସୁବିଧା ସୃଷ୍ଟି କରୁଛି ।ତାଛଡା ସିଏ ଏ ଦଳର ଇଏ ସେ ଦଳର ଏହି ‘ ‘ଆମରତୁମର ‘ ବ୍ୟବସ୍ଥାକ୍ଲବର କଳାକାରମାନଙ୍କ ଭିତରେ ରାଜନୈତିକ ଶତ୍ରୁତା ଉପୁଜାଉଅଛି ।

ପ୍ରାୟ ପ୍ରତ୍ୟେକ କ୍ଲବର ଏହାକୁ ବାହାର କର , ତାହାକୁ ଆଣ , ଏହାକୁ ଏହି ଭଲ ରୋଲଟିଏ ଦିଅ , ତାହାକୁ ଯାହିତାହି ରୋଲଟାଏ ଦିଅ , ଏହି ନାଟକଟା ନକଲେ ମୁଁ ରୋଲ କରିବି ନାହିଁ କି ଡ୍ରାମା କରେଇଦେବି ନାହିଁ ଏମିତି ନାନାବିଧ ସମସ୍ୟାକୁ ନେଇ କେତେ ପାର୍ଟିତୁଣ୍ଡ ଗଣ୍ଡଗୋଳ ଘଟିଗଲାଣି । କେତେକେତେ ନାଟକ ବହି ଚିରା ହେଲାଣି । କେତେକେତେ ନାଟକର ଆଖଡା ଅଧାରୁ ବନ୍ଦ ହୋଇଗଲାଣି । ଗାଆଁରେ କେତେଟା ଅଧାପାଠୁଆ ଓ ବେକାର ହୋଇ ବୁଲୁଥିବା ପିଲାମାନେ ଏଣୁତେଣୁ ଟିପିଟାପି ନାଟକ ଲେଖି ନାଟ୍ୟକାର ସାଜି ତାଙ୍କ ନାଟକ କରିବାକୁ ଜିଦ ଧରି ବସିଛନ୍ତି । ଯାତ୍ରାପାର୍ଟି ପରି କେତେ କଳାକାର କ୍ଲବରୁ ତଡା ଖାଇଲେଣି । କେତେକ ନୂତନ କଳାକାର ବି ଯୋଗ ଦେଲେଣି । ପୁଣି ନୂଆପିଲାଙ୍କ ଉପରେ ଆସ୍ଥା ପ୍ରକଟ କରି ନ ପାରି ପୁରୁଣା କଳାକାରଙ୍କୁ ଫେରାଇ ଆଣିବାର ମସୁଧା ଚାଲିଛି । ମୋଟ ଉପରେ ରାଜନୈତିକ ଚାପ ସର୍ବତ୍ର ଏକ ଅସ୍ଥିରତା ସୃଷ୍ଟି କରିଛି ।

ସେଦିନ ଗାଆଁମୁଣ୍ଡ ବଜାରରେ ଦୁଇଟି କ୍ଲବର ପିଲା ପରସ୍ପରକୁ ଆକ୍ଷେପ କରି ଦେଖେଇଦେଖେଇ କହିବାକୁ କେନ୍ଦ୍ର କରି ଝିମିଟି ଖେଳରୁ ମହାଭାରତ ସୃଷ୍ଟି ହେବା ପରି ଏକ ବିରାଟ ଧରଣର ଗଣ୍ଡଗୋଳ ଘଟିଗଲା । ହାତାହାତି ହେବା ଠାରୁ ଆରମ୍ଭ କରି ହତିଆର ଉଠାଇବା ପର୍ଯ୍ୟନ୍ତ କଥା ହୋଇ ଯେଉଁ ବାଡାପିଟା , ଟେକାପଥର ଫିଙ୍ଗା ନାଟକ ଚାଲିଲା ବଜାରରେ ଥିବା ଦୋକାନଗୁଡିକର କ୍ଷୟକ୍ଷତି ହେବା ସହିତ ବଜାରର ଏହି ସ୍ଥାନଟି ରକ୍ତରଞ୍ଜିତ ହୋଇଗଲା । ହୋଲିର ନାଲିଆ ରଙ୍ଗ ଠାରୁ ଏ ରକ୍ତର ରଙ୍ଗ ଆହୁରି ନାଲି ଦିଶୁଥିଲା । ଉଭୟ ଗୋଷ୍ଠିର ରାଜନୈତିକ ନେତୃବୃନ୍ଦଙ୍କ ପରାମର୍ଶରେ ଉଭୟ ଗୋଷ୍ଠି ପରସ୍ପର ବିରୁଦ୍ଧରେ ଥାନାର ଦ୍ୱାରସ୍ଥ ହେବା ଫଳରେ ପୁଲିସ ଗଣ୍ଡଗୋଳକାରୀଙ୍କୁ ଖୋଜିଖୋଜି ବାନ୍ଧି କୋର୍ଟ ଚାଲାଣ କଲେ । ଏବର୍ଷ ଏହି ଦୁଇ ଗୋଷ୍ଠିର ଡ୍ରାମା ଏକରକମ ବନ୍ଦ ହୋଇଗଲା । ଅସ୍ଥିରତା ଓ ରାଜନୈତିକ ଶତ୍ରୁତା ତଥା ଅନେକ ଯୁବକ ଜେଲ ଯିବା ଫଳରେ ଏହି ଦୁଇଟି କ୍ଲବ ସିନା ଡ୍ରାମା କରିବା ବନ୍ଦ କରିଦେଲେ ତେବେ ସେମାନେ ଅଗ୍ରୀମ ଦେଇଥିବା ଚିତ୍ରାଳୟ , ନାରୀ ଅଭିନେତ୍ରୀ , ନାଚ କରିବା ଗ୍ରୁପ , ସଙ୍ଗୀତକାର , ବାଦ୍ୟକାର , ନିର୍ଦ୍ଦେଶକମାନେ ଆଉ ଟଙ୍କା ନ ଫେରାଇବାରୁ ଗଭୀର ମାନସ୍ତାପରେ ରକ୍ତଚାଉଳ ଚୋବେଇବା ବେଳେ ଗାଆଁର ତୃତୀୟ କ୍ଲବଟି ମଧ୍ୟ ନାନାବିଧ ସମସ୍ୟା ଭିତରେ ତାହାର ଆଖଡା ଚାଲୁ ରଖିଥିଲା । ମାତ୍ର ଯେଉଁ ଦୁଇ ଗୋଷ୍ଠି ପରସ୍ପର ସହିତ ଝାମେଲା କରି ଡ୍ରାମା ସିନା ବନ୍ଦ କରିଦେଲେ ମାତ୍ର ତୃତୀୟ କ୍ଲବର ନାଟକ ପ୍ରସ୍ତୁତି କାର୍ଯ୍ୟକ୍ରମକୁ ଆଗୀ ହଜମ କରିପାରୁ ନଥିଲେ । ଏମାନଙ୍କ ନାଟକ କିପରି ବନ୍ଦ ହେବ ଓ ସେମାନେ ଯଦି ଡ୍ରାମା କରନ୍ତି ତେବେ ବାହାଦୁରୀ ନେଇଯିବେ ଭାବି ଉଭୟ ଗୋଷ୍ଠି ତୃତୀୟ ଗୋଷ୍ଠିର ନାଟକକୁ କିପରି ବନ୍ଦ କରିବେ ସେହି ଷଡଯନ୍ତ୍ରରେ ମାତି ଚାଲିଲେ । ପ୍ରଥମେ ନିଜ କ୍ଲବରୁ ଅସନ୍ତୁଷ୍ଟ ହୋଇ ଯେଉଁମାନେ ଯାଇ ତୃତୀୟ ଦଳରେ ମିଶିଥିଲେ ସେହି କଳାକାରମାନଙ୍କ ମନକୁ ବିଷାକ୍ତ କରାଯାଇ ସେମାନଙ୍କୁ ହଟାଇ ଆଣିବାରେ ସମର୍ଥ ହେଲେ । ସେମାନଙ୍କ ଘରେ ରାଜନୈତିକ ଚାପ ପକାଇବା ସହିତ ନାନା ଧମକ ଚମକ ଦେଇ ଭୟଭୀତ କରାଗଲା । ଏହି ସମୟରେ ସ୍ଥାନୀୟ ଚନ୍ଦ୍ରମଉଳି ଶିବ ମନ୍ଦିରରେ ଗାଆଁର ଜନୈକ ଉଚ୍ଚ ବଂଶଜ ବ୍ୟକ୍ତିଙ୍କ କନ୍ୟା ବିବାହ ଉତ୍ସବରେ ସମସ୍ତ କ୍ଲବର ପିଲାମାନେ ଅଂଶଗ୍ରହଣ କରିବାକୁ ନିମନ୍ତ୍ରଣ ପାଇ ଯାଇଥିବା ବେଳେ ଉଦ୍ଦେଶ୍ୟମୂଳକ ଭାବରେ ଡ୍ରାମା ବନ୍ଦ ହୋଇଥିବା ଉଭୟ ଗୋଷ୍ଠୀର ଯୁବକମାନେ ମିଳିମିଶି ତୃତୀୟ ଗୋଷ୍ଠିର ପିଲାମାନଙ୍କୁ ବାରମ୍ବାର ଆକ୍ଷେପ କରିବା ଓ ଜାଣିଜାଣି ସେମାନଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିବା କାରଣରୁ ପୁନଶ୍ଚ ଏକ ବିରାଟ ଗଣ୍ଡଗୋଳର ସୂତ୍ରପାତ ହେଲା । ଏଥିରେ ଉଭୟ ଡ୍ରାମା ବନ୍ଦ କରିଥିବା ଗୋଷ୍ଠି ତୃତୀୟ ଗୋଷ୍ଠିର ଯୁବକମାନଙ୍କୁ ମିଳିତ ଭାବେ ମରଣାନ୍ତକ ଆକ୍ରମଣ କଲେ । ଫଳରେ ବିବାହ ଉତ୍ସବରେ ବାଧା ସୃଷ୍ଟି ହେଲା । ବରଯାତ୍ରୀ ଓ ଉପସ୍ଥିତ ଭଦ୍ରବ୍ୟକ୍ତିମାନେ ଆହତ ହେଲେ । ଖାଦ୍ୟପେୟ ସବୁ ନଷ୍ଟ ହୋଇଗଲା । ମନ୍ଦିର ପରିସରରେ ରକ୍ତଛିଟା ଲାଗିଲା । ରକ୍ତରଞ୍ଜିତ ପରିବେଶକୁ ଦେଖି ଭୟଭୀତ ହୋଇ ବରଯାତ୍ରୀ ଓ ନିମନ୍ତ୍ରିତ ଭଦ୍ରବ୍ୟକ୍ତିମାନେ ପ୍ରାଣ ବିକଳରେ ଯିଏ ଯୁଆଡେ ନିଜ ସୁବିଧାରେ ଫେରିଗଲେ । ଗଣ୍ଡଗୋଳର ଖବର ପାଇ ପୁଲିସ ସଦଳବଳେ ପହଞ୍ଚି ଲାଠିଚାର୍ଜ କରିବା ସହିତ କେତେକ ଗଣ୍ଡଗୋଳକାରୀଙ୍କୁ ଧରି ଆରେଷ୍ଟ କରି ପୁଣି କୋର୍ଟ ଚାଲାଣ କଲେ । ସତକୁ ସତ ଏବର୍ଷ ଗାଆଁରେ ଗୋଟିଏ ସତସତିକା ଡ୍ରାମା ହୋଇଗଲା ଯେପରି । ଏବେ ଉତ୍ତେଜନାର ବାତାବରଣ ଭିତରେ ଗାଆଁ । ନଗଦାନଗଦି ପଞ୍ଚାୟତ ନିର୍ବାଚନ ସରିଥିବାରୁ କିଏ କାହାକୁ ଡାକି ଶାନ୍ତି କମିଟି ବସାଇବ ସେକଥା ଆଉ କେହି ବି ଚିନ୍ତା କରିବାର ଅବକାଶ ଆଉ ନ ଥିଲା । ବରଂ ପୁଲିସର ଘନଘନ ପଇଁତରା , ଗାଆଁରେ ଶହେ ଚଉରାଳିଶ ଧାରା ଜାରି , ବାହାରେ କେହି ବୁଲୁଥିବାର ଦେଖିଲେ ଲାଠି ଚାର୍ଜ ଓ ଆରେଷ୍ଟ ହେବାର ଭୟ ଏବେ ସମସ୍ତଙ୍କୁ ଗ୍ରାସ କରିଯାଇଛି । ଏହା ନିର୍ବାଚନ ପରବର୍ତ୍ତୀ ହିଂସା ଭାବରେ ସିନା ସରକାରୀ ରେକର୍ଡରେ ସ୍ଥାନ ପାଇଛି ମାତ୍ର ବାସ୍ତବରେ ଗାଆଁରେ ଡ୍ରାମାକୁ ନେଇ ଯେଉଁ ଗୋଷ୍ଠି ସଂଘର୍ଷ ଘଟି ରକ୍ତପାତ ହୋଇଯାଇଛି ତାହାହିଁ ସୂଚନା ଦେଉଛି ଯେ ମୁଖ୍ୟତଃ ଯେଉଁମାନେ ସରକାରୀ ଚାକିରିଆ ଓ ଯେଉଁ ଯୁବକମାନେ ଶାନ୍ତିପ୍ରିୟ ତଥା ସରକାରୀ ଚାକିରୀ ଖଣ୍ଡିଏ କରିବାର ଲକ୍ଷ୍ୟ ରଖିଛନ୍ତି ସେମାନେ ଏହି ନାଟତାମସା ବେପାରରୁ ସର୍ବଦା ନିଜକୁ ଦୂରେଇ ରଖନ୍ତୁ । ନଚେତ ସେମାନେ ଯେ ଦିନେ ଏପରି ପରିସ୍ଥିତିରେ ପଡି ପୁଲିସ କେଶରେ ପଡି ନିଜର ଭବିଷ୍ୟତକୁ ଅନ୍ଧକାର ଭିତରକୁ ଠେଲି ନଦେବେ କିଏ କହିବ ? ଯେଉଁମାନେ ଦାଦାଗିରି ଓ ଗଣ୍ଡଗୋଳ କରି ଜେଲ ଯିବାକୁ ପଛଘୁଞ୍ଚା ଦେଇ ପାରିବେ ନାହଁ ସେହିମାନେ ହିଁ କେବଳ ଏହି ନାଟତାମସାରେ ଭାଗ ନେଇ ସବୁପ୍ରକାର ଅପ୍ରୀତିକର ପରିସ୍ଥିତିକୁ ସାମ୍ନା କରିପାରିବେ । ତେଣୁ ଭଦ୍ରବ୍ୟକ୍ତିମାନେ କୌଣସି କଥାରେ ମୁଣ୍ଡ ନ ପୁରାଇ ନିଜ କର୍ମ କରିବା ସହିତ ଘରେ ତାଟିକବାଟ ପକାଇ ନିଜକୁ ସୁରକ୍ଷିତ ରଖିବା ବୋଧେ ବୁଦ୍ଧି ମାନର କାମ ଅଟେ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ : ୯୯୩୮୭୪୧୫୮୩

## ଫାଇଭ୍ ଷ୍ଟାର୍ସ



**ଶ୍ରୁତକୀର୍ତ୍ତି ତ୍ରିପାଠୀ**

ତରତର ହୋଇ ପାର୍ସଲ୍ ଟିକୁ ବ୍ୟାଗ୍ ରେ ପୁରେଇ ବାଇକ୍ ଷ୍ଟାର୍ଟ କରୁଥିଲା ଜମାଟୋ ଡେଲିଭରି ବୟ୍ ଟି । ନିର୍ଦ୍ଧାରିତ ସମୟ ଭିତରେ ଖାଇବା ନ ପହଞ୍ଚିଲେ ଗ୍ରାହକ ଙ୍କୁ ଖୁସି କରିବା କଷ୍ଟକର । କାରଣ ଗ୍ରାହକଙ୍କ ପାପୁଲିରେ ଥିବା ମୋବାଇଲ୍ ସ୍କ୍ରିନରେ ସେମାନଙ୍କ ଗତିପଥ ବରାବର ଅନୁଧ୍ୟାନ ଭିତରେ ଥାଏ । ଟିକେ ଏପଟ ସେପଟ ହେଲା ମାନେ ଗ୍ରାହକର ଗୋଟିଏ ଅସନ୍ତୋଷ ଜନକ ମନ୍ତବ୍ୟ ଉପରେ ଉପରିସ୍ଥ ଅଫିସରଙ୍କୁ କୈଫିୟତ ଦେବାକୁ ପଡ ? ବିଚରା ପିଲାଙ୍କୁ ।

ଠିକଣାରେ ପହଞ୍ଚି କଲିଂ ବେଲ୍ ବଜେଇଲା ପିଲାଟି । ବିରକ୍ତିଭରା ଚାହାଁଣି ସହିତ କବାଟ ଖୋଲିଲେ ତରୁଣୀ ଜଣକ । ’ ଅଧଘଣ୍ଟା ବିଳମ୍ବରେ ଆସିଛ, ମୁଁ ତୁମକୁ କମ୍ ଷ୍ଟାର୍ ଦେବି।’

ଭୟ ଓ ଅଧୀରପଣରେ ପିଲାଟିର ଦେହସାରା ଝାଳ । ’ ମାଡାମ, ଦୟାକରି ସେମିତି କରିବେନି ! ରାସ୍ତାରେ ପ୍ରବଳ ଗହଳି, ମୁଁ ଇଚ୍ଛା କରି ବି ଶୀଘ୍ର ଆସି ପାରୁ ନ ଥିଲି । ଆପଣ ନିଜେ ବି ତ ଭୋଗିଥିବେ ଏଭଳି ଟ୍ରାଫିକ୍ ସମସ୍ୟା ! ’

ଧୀରେ ହସ ମୁହଁରେ ଖେଳେଇ ମହିଳା ଜଣକ କହିଲେ, ’ ଠିକ ଅଛି । ଗୋଟିଏ ସର୍ତ୍ତ ରେ ଫାଇଭ୍ ଷ୍ଟାର୍ ଦେବି, ଯଦି ତୁମେ ମୋର ଗୋଟିଏ କାମ କରିଦେବ । ଫାଇଭ୍ ଷ୍ଟାର୍ ଲୋଭରେ ପିଲାଟି କହିଲା, ’ କଣ କହୁନାହାନ୍ତି ?’

’ ଆଜି ମୋ ପୁଅର ଜନ୍ମଦିନ ପାଇଁ ମୁଁ ଏହି କେକ୍ ଟି ମଗେଇଛି । ହେଲେ ସେ ଚାହୁଁଥିଲା ତା ବାପା ତା’ ପାଇଁ କେକ୍ ନେଇ ଆସନ୍ତୁ । କିଛି ଜରୁରୀ କାମ ଯୋଗୁଁ ସେ ଆଜି ଆସିପାରିବେ ନାହିଁ । ତୁମେ ଏହି କେକ୍ ଦେଇ ତାକୁ ଯଦି କହିବ ଯେ, ତା ବାପା ଯାକୁ ତା ପାଇଁ ପଠେଇଛନ୍ତି, ଆଜି ସେ ବହୁତ ଖୁସି ହେବ ।’

ଜମାଟୋ ବୟ୍ ଟି ସହଜରେ ମାନିଗଲା । କିଛି ସମୟ ପରେ ପୁଣିଥରେ ବେଲ୍ ମାରି ସେ କବାଟ ପାଖରେ ଛିଡା ହେଲା । ଏଥର ଛୋଟ ଗୁଲୁଗୁଲିଆ ପିଲାଟିଏ କବାଟ ଖୋଲିଲା । ଜମାଟୋ ବୟ୍ ଟି ତାକୁ ପାର୍ସଲ୍ ହାତରେ ଧରେଇ କହିଲା,’ ତମ ପାପା ମୋ ହାତରେ ତମ ପାଇଁ କେକ୍ ପଠେଇଛନ୍ତି । ପିଲାଟି ମୁହଁରେ କେକ୍ ପାଇବାର ଖୁସି ଟିକକ ଦେଖି ଜମାଟୋ ବୟ ତା ନିଜ ଷ୍ଟାର୍ସ ପାଇବା କଥା ସମ୍ପୂର୍ଣ୍ଣ ଭୁଲିଯାଇଥିଲା । ପିଲାଟି ଖୁସିରେ ଡେଇଁ ଡେଇଁ କେକ୍ ନେଇ ଘର ଭିତରକୁ ପଳେଇଲା । ଶିଡ଼ିରୁ ଓହ୍ଲେଇଲା ବେଳେ ମୋବାଇଲ୍ ର ବିପ୍ ଶବ୍ଦ ଶୁଣି ଜମାଟୋ ବୟ୍ ଟି ପକେଟ୍ ରୁ ମୋବାଇଲ୍ କାଢ଼ି ଦେଖିଲା । ଗତ ପାର୍ସଲ ଡେ଼ଲିଭରି ରେ ମିଳିଥିବା ’ ଫାଇଭ୍ ଷ୍ଟାର୍ସ ’ ର ଖୁସି, ପିଲାଟିର ହସ ହସ ମୁହଁରେ ଆଗରେ ଫିକା ଲାଗୁଥିଲା । ତା ମୁହଁରେ ପରିତୃପ୍ତି ର ହସ ଟିଏ ଉକୁଟି ଉଠୁଥିଲା ।

ଫୋନ - ୬୩୭୦୫୧୬୪୭୮
ଭୁବନେଶ୍ୱର

## ଦୃଷ୍ଟି

*କାମିନୀ ନାୟକ*



ସେହି ପୁରୁଣା ବଙ୍ଗଳା
ଆମ୍ବ ଗଛ ତଳେ
ବଉଳର
ମହକ,
ଦୃଷ୍ଟି ମୋର
ଆକାଶର କିଚିରି ମିଚିରି
କରୁଥିବା ପ।। ମାନଙ୍କୁ
ପୁଣି
ବଣୁଆ ଡେଙ୍ଗା ଡେଙ୍ଗା
ଘାସ ସବୁ
ତରଙ୍ଗ ଭଳି ଦୋହଲିଥିଲା
ତା ଉପରେ ପଡୁଥିଲା
ଅପରାହ୍ନର ଶେଷ
ସୂର୍ଯ୍ୟକିରଣ,
ପ୍ରତିଧ୍ୱନିରେ
ଶୁଭୁଥିଲା
ମୃଦ୍ୟ ଭର୍ତ୍ସନା
ବୁଝି ଗଲି ବିସ୍ଫୋରଣ
ସୃଷ୍ଟି କାରୀ ସ୍ପନ୍ଦନକୁ
ଉଦ୍ଭାସିତ ହେଲା ବିରାଟ
ଆଲୋକର ଛିଟା
ତା ଭିତରେ ଲୁଚିଥିବା
ପବିତ୍ର ପ୍ରେମର ପ୍ରଗାଢ
ଶକ୍ତି
ମୃଦ୍ୟ ମଳୟରେ ନାଚିନାଚି
ମୁହାଁଇଲ ମୋ ଆଡ଼କୁ
ମୁଁ ନିରବି ଗଲି
ପାଇଗଲି ମେଘମନ୍ଦ୍ର
ଧ୍ୱନିର ଉତ୍ତର-
‘ମୁଁ ଆଲୋକ !
ମୁଁ-

ଅଧକ୍ଷା,ହୋଲି ଜୀଶସ ବିଦ୍ୟାଳୟ
ଧାନ ମଣ୍ଡଳ
ବଡ଼ଚଣା, ଯାଜପୁର

## ଉଜାଣିଆ

*ଶ୍ରୀମତୀ ମନସ୍ୱିନୀ ସାହୁ*



ମାୟା ସିକ୍ତ ମନ , ଆରଦ୍ର ପ୍ରାଣ
ଖୋଜିଲାଣି ଉଜାଣିଆ ସୋପାନ
ବୟସ ସହିତ ଆୟୁଷ
କରିଛି ଅହରହ ଆରୋହଣ
ଅନାସକ୍ତ ଜୀବନ ଦେଉଛି ଦର୍ପଣ ।
ଆସିଥିଲି ଚାଲିଯିବି ବୋଲି
କର୍ମମୟ କିଛି ଚିନ୍ତନ
ମିଥ୍ୟା କୁହେଳିକା ନିଶା ନିକାଞ୍ଚନ
ସତ୍ୟତାରେ ସତତ ଆଚ୍ଛନ୍ନ
ସ୍ମରଣୀୟ ଶାଶ୍ୱତ ଆଚରଣ ।
ଉଜାଣିଆ କାହିଁକି ଯେ ଉଦାସୀନ
ଫେରିଯିବି , ପୁନଶ୍ଚ ଆଗମନ
ଗୁମୁରି ଗୁମୁରି ସଙ୍ଗୀତର ସ୍ୱନ
ରହସ୍ୟ ଜନ୍ମ ଠାରୁ ମରଣ
ଲୀଳାଚ୍ଛଳା ପ୍ରଲୁବ୍ଧ ଚିରନ୍ତନ ।
ଗୁଣ୍ଡୁଚିମୂଷା ଭଳି କି ଅବା ଅବଦାନ
ସାର୍ଥକ ହୋଇଛି ମନ, ପ୍ରାଣ, ଚିନ୍ତନ
ସର୍ବମୟ ନିରାକାର ଭଗବାନ
ଅନ୍ତର୍ଯ୍ୟାମୀ କିଏ ସିଏ ମନମୋହନ
ଉଜାଣିଆ ପଥ କରନ୍ତି ପ୍ରଦର୍ଶନ ।

ରୂପାଲି ଛକ, ଭୁବନେଶ୍ୱର
ଫୋନ୍ -୭୯୭୮୪୮୭୭୫୪

## ତୁମ ଆଖି, ମୋ ମନ

*ଡୁଇଟି ଡେଭିଡ ଫିଲିପ୍*



ମନ ପିଇବାକୁ ଚାହେଁ ସେହି ସମାନ,
କଁଳ ପତ୍ର, ଗଛ ନୂତନ,
ଗଛ ଭାବି ପାରୁନି,
ମୁଁ କେମିତି ହେଲି ପୁରାତନ।
ଆଖି କୁ ମିଳିଛି ନୂଆ ଶିଢି,
ପତ୍ର ଯେ ଆଜି ପାକଳ ଓ କଅଁଳ, ମୁଁ ବୁଢ଼ୀ।
ଗଜା ହୋଇ ଯୁବା, ତାପରେ ବୟସ୍କା,
ଢାଳିଲା ସମୟ ଆଉକି ହାତେ ରହିଲା।
ତୁମ ଆଖି ମୋ ରହସ୍ୟର ବାର୍ତ୍ତା,
ଶିଳ୍ପୀ ଆଖିତୁମ, ଉଦ୍ଗାରୁଥିଲା ପଦ୍ମିନିର ଭାଷା।
ଭଲ ଲାଗୁଥିଲା ଯେବେ ତୁମେ
ମୋତେ ଦେଖି ହସ,
ଆଜି କାହିଁକି ଗଛକୁ ନ ଦେଖି
ଦେଖୁଛ ମୋର ପତ୍ର।
ଆମ୍ରାତ ସମାନ,
ଭ୍ରମର ଖୋଜୁଛି ସଦ୍ୟ, ସତେଜ,
ବ୍ୟବହାର ଭିନ୍ନ,
ସମୟ ଅସମାନ,
ମନ ପିଇବାକୁ ଚାହେ ସମାନ।

ଭବାନୀପାଟଣା

## ଆର୍ତ୍ତସ୍ୱର

*ସୁଧାକର ରାଉତ*



କଷିବା ପାଇଁକି ଜୀବନ ଗଣିତ
ଅନ୍ଧାରଟା ଲାଗେ ଭଲ
ନିଜର ଚେହେରା ହଜିଯାଏ ତହିଁ
ନାହିଁ ତ ଯାହାର ମୂଳ ।
ଭାବନାକାଶରେ କେତେ ତାରା ଫୁଟେ
ଆଖି ଦୁଇ ଥିଲେ ବନ୍ଦ
ସମାନ ରୂପ ସଭିଏଁ ଧରିଥାନ୍ତି
ଭଲ ହେଉ ଅବା ମନ୍ଦ ।
ସଂସାର ଆଲୁଅ ଯାଇପାରେ ନାହିଁ
ଅନ୍ଧକାର ରାଜ୍ୟ ଡେଇଁ
ନିଜର ବେଦନା ଓଠ ପିଇ ଯାଏ
ହୃଦୟଟା ଥିଲେ ଚେଇଁ ।
ଅନ୍ଧାରର ଅନୁଶୀଳନ କଠିନ
ହେଲେବି ଦୁର୍ବୋଧ ନୁହେଁ
ଆଶା ଆଶ୍ୱାସନା ସହାନୁଭୂତିରେ
ଭରେ ତାକୁ ଯିଏ ଚାହେଁ ।
ଜନମରୁ ଜୁଇ ବାସ୍ତବ କାହାଣୀ
ଅନ୍ଧାର ନୀରବେ ଲେଖେ
ଅମାବାସ୍ୟାରେ ବି ଚନ୍ଦ୍ର ଦୃଶ୍ୟ ହୁଏ
ହୃଦ ଗବାକ୍ଷେ ଯେ ଦେଖେ ।
ଅନ୍ଧାର ଆଡେଇ ଦେଖିଦେଲେ ମନ
ଅବୁଝା ପଣକୁ ଠେଲି
ଅବ୍ୟକ୍ତ ବେଦନାର ରୁଦ୍ଧ କୋଠରୀ
ଆଲୋକେ ଭାସଇ ଖାଲି ।
ଅନେକ ଦ୍ୱନ୍ଦର ମାୟାଜାଲ ମଧ୍ୟେ
ଅନ୍ଧାର ରାତିର ହସ
ଗୋପନ ମନର କ୍ଷତ ଉଖୁରାଏ
ଯୂଇରେ ତା ହୁଏ ଶେଷ ।
ଦିନ ଜ୍ୱଳନକୁ ରାତିଟା ଶୁଆଇ
ଦେଖାଏ କଙ୍କାଳ ନାଟ
ଅନ୍ଧାର ତାହାର କାହାଣୀ ଗାୟନେ
ମଜି ରହେ ଯେସନ୍ତେ ଭାଟ ।

ପ୍ରତାପ ନଗରୀ,କଟକ
ମୋ-୮୨୪୯୯୩୨୭୯୨

## ପୁଣିଥରେ

*ଇଂ. ବିଦ୍ୟାଧର ପଣ୍ଡା*



ପୁଣିଥରେ ଚାଲ ଏଠି ଭଲରେ ବଂଚିବା
କାନ୍ଦିବା, ହସିବା, ଗାଇଗାଇ ନାଚିବା
ପଛକଥା ସବୁକୁ ମନରୁ ପୋଛିଦେବା

ଧରାବୁକୁରେ ମଣିଷ ଜୀବନ ବି ଅଜବ
ବେଳେବେଳେ ମନେହୁଏ
ଶବଟିଏ ପରି
କିଛି କହି ହୁଏନା, କି କରି ହୁଏନା
ଶବ କ'ଣ କାନ୍ଦିବ ନା ହସିବ !
ନିରବରେ ସହିଯିବାକୁ ବାଧ୍ୟ ସେ

ଅଧାବାଟେ ପ୍ରେମିକା ଚାଲିଗଲେ
ସମୟ ସୁଅରେ ବାପାମା ବୁଡିଗଲେ
ନିଜର ବୋଲି କାହାକୁ କହିବା !
ସ୍ୱାର୍ଥବାଦୀ କପଟି ବନ୍ଧୁଙ୍କ ଘେରାବନ୍ଦି
ରୂଣ ଫେରାଇବାକୁ କହିଲେ କାଲି

ନିଜକଥା ଭୁଲିବା କ'ଣ ଏତେ ସହଜ !
ନା, ଆଦୌ ନୁହେଁ। ରାଣଖାଇ କହିଲ !
ସତରେ କ'ଣ ତୁମେ ଭୁଲିବାରେ
ସଫଳ ?
ନା, ମନକୁ ବୁଝେଇବା ପାଇଁ ମିଛକହୁଛ
ଛାଡ, ଏବେ ସେସବୁ ଘାଂଟି
ଲାଭକ'ଣ !

ତେବେ ଚାଲ ଅତୀତକୁ ଭୁଲିଯିବା
ଆଉଥରେ ବଂଚିବାକୁ ଚେଷ୍ଟା କରିବା
କାନ୍ଦିବା, ହସିବା, ଗାଇଗାଇ ନାଚିବା
ପୂର୍ବପରି ଜିଇଁବାର ଭିନ୍ନଏକ
ନାଟକ କରିବା
ପୁଣିଥରେ ସେଇ
ସଂସାରରେ ବଂଚିବା..

ଏମ୍ ଟେକ୍, ଏଲ୍ଏଲ୍. ବି
ପଂଚଶଖା ନଗର,
ଡୁମୁଡୁମା, ଭୁବନେଶ୍ୱର-୧୯
ମୋ-୯୪୩୯୧୨୮୦୫୦

## ଭାଇଚାରା

*ଜଗଦୀଶ ପଣ୍ଡା*



ମଣିଷ ନୁହେଁ ରେ ଭାଇ ଭାଇ ଭଳି
ଆସ କାଟିବା ଜୀବନ,
ଏହିପରି ଭାବେ ବଞ୍ଚିଲେ ସଭିଏଁ
ହେବ ଏକ ମନ ଏକ ପ୍ରାଣ।
ଭାରତ ମାଆର ଶିଶୁ ଆମେ ସବୁ
ମାନିବା ତା ପରମ୍ପରା,
ଏକାଠି ରହିବା ଯୁଗ ଯୁଗ ଧରି
ସୃଷ୍ଟି କରି ଭାଇଚାରା।
ବିପଦେ ଆପଦେ ପରସ୍ପର ଆମେ
ଆସିବା ସବୁ କାର୍ଯ୍ୟରେ,
ରାଗ ରୁଷା ଅଭିମାନ କାହିଁ ରଖି
ହେବା ଆମେ ଶତ୍ରୁତାରେ।
ଏକ ମନ ଏକ ପ୍ରାଣ ରଖି ଆମେ
କରିବାରେ ସବୁ ପର୍ବ,
ଏପରି ଭାବରେ ସବୁ କିଛି କଲେ
ସୁଦୃଢ ହେବ ସମ୍ପର୍କ।
କି ଛନ୍ଦ କପଟ କହ ଭାଇ ଆମ୍ଭ ?
କାହିଁ ରଖିବାରେ ମନେ,
ରଖିଲେ ମନରେ କି ଲାଭ ଅବା
କ୍ଷଣ ପରା ଏ ଜୀବନ।
ମିଳିମିଶି ଆମେ ରହିବା ସଭିଏଁ
ବିଭୁ ପାଶେ ଏ ଆଶିଷ,
ମିଳିମିଶି ସବୁ ଗଢିଦେବା ଆମେ
ନୂତନ ଭାରତବର୍ଷ।

ଅଲାଡିଗାଁ, ଗଂଜାମ

## ଅଟେ ଅଭିବ୍ୟକ୍ତି

*ସୁରେନ୍ଦ୍ର ନାଥ ସାହୁ*



ସୁସଞ୍ଜ ବିବେକର
ଅମୃତ ସଞ୍ଚରଣ
ନିଷ୍ପାପ ସମ୍ବେଦନାର
ନିରପେକ୍ଷ ନୟନ।
ପ୍ରାଣମୟ ହୃଦୟରୁ
ଅଥକ ନିଗୁଡୁଥିବା
ସଙ୍ଘର୍ଷରତ ରକ୍ତର ଡାକରା
ତୁହାକୁ ତୁହା ଉଠାଇ ବସାଉଥିବା
କ୍ରିୟାଶୀଳ ସପନ
ଜ୍ଞାନ ଏବଂ କରର୍ମର
ନୂତନ ଏବଂ ପୁରତନ ଦୀପ୍ତି
ଅଟେ ଅଭିବ୍ୟକ୍ତି।।
ସୁଜଳ କଳ ବଳ କୌଶଳର
କୌମାର୍ଯ୍ୟ କଲ୍ଲୋଳ
ଏକ ନିଷ୍କଳଙ୍କ କଳହ।
ଜାତି ପାତିର ଶିଖରେ
ଉଚ୍ଚ ନିଚ୍ଚତାର ଦ୍ଵେଷ ଦୁରେ
ବଳ ବୟସ ଉର୍ଦ୍ଧରେ
ଦର୍ପେରେ ରହି
ଚିତ୍କାର କରି ଶୁଣାଉଥିବା
ବାରମ୍ବାର ଯଜ୍ଞାଗ୍ନି ସମ
ଜଳିବା ପାଇଁ ଉସୁକାଉଥିବା
ହୋମାର୍ଥି ଆତ୍ମାର
ସାମାନ୍ୟ ମନେହେଉଥିବା
କିନ୍ତୁ ବାସ୍ତବରେ ମହାନ ଶକ୍ତି
ଅଟେ ଅଭିବ୍ୟକ୍ତି।।
ପ୍ରାଣବନ୍ତ ଲେଖା କାଗଜର
ପରିପୁଷ୍ଟ ପୃଷ୍ଠା
ସତର ସାନିଧ୍ୟ ପ୍ରାପ୍ତ ପତ୍ର ପତ୍ରିକା
ଖବର କାଗଜର
କାଳ ପ୍ରଭାତ ସାଧନା
ଅହର୍ନିଶ ଚେଷ୍ଟା।
ହୃଦୟର ବିକନ୍ଦିରୁ ଝରି
କଲମ ମୁନରେ
ସହଜେ ଆଙ୍କି ହେଉଥିବା
ବାସ୍ତବ ଧର୍ମ କବିର
କବିତାର ତନୁ ତାରକସି ନିଷ୍ଠା।
ସମୟର ସାଥିରେ
ଚାଲି ପାରୁ ନଥିବା ବ୍ୟକ୍ତିଙ୍କ
ଅଧିକାର ଦାବି ଆଉ ଅଭାବର ରଡି
ବେଦନାସିକ୍ତ କୁଷ୍ଠାର କୁହାଟ
ଅଟେ ଅଭିବ୍ୟକ୍ତି।
ଅସୂୟା ଚରିତ୍ର ପାଇଁ
ଚିରସ୍ମୃତ ଜହ୍ନ
ସତ୍ୟର ଅଷ୍ଟି ଆକାଶରେ ଖେଳୁଥିବା
ଅଲଗା ଅଲଗା ତପନ
ଏକ ମହାନ ତାରକ ବିଭୂତି ।
ଜୀଇଁବା ଏବଂ ଜୀଇଁବାକୁ ଦେବାର
ଏକ ମହକିତ ଇନ୍ଧନ
ପ୍ରକୃତିର ସ୍ୱଭାବିକ ଦାନ
ପ୍ରତ୍ୟେକଙ୍କ ନାର୍ଯ୍ୟ ଅଧିକାର
ବିଶେଷ ବିରଚନା
ଈଶ୍ୱରଙ୍କ ଅକାଟ୍ୟ ସଂହତି
ଅଟେ ଅଭିବ୍ୟକ୍ତି।

କଳମ୍ବ(ଡିହସାହି)
ପୋଲସରା, ଗଞ୍ଜାମ
ମୋ.ନଂ:-୮୧୨୮୯୧୯୨୫୬

## ସରିଯାଏ ଦିନ

*ପ୍ରଣୀତା ମିଶ୍ର*



ସରିଯାଏ ଦିନ ସରେନାହିଁ ମୋହ
ଦିନୁଦିନ ସେ ତ ହୁଅଇ ଅଥୟ
ଲୋଭ ମୋହ ର ତ କାହିଁ ନାହିଁ ଶେଷ
ଜୀବନଟା ସାରା ରହେ ଅବସୋସ।।
ସରିଯାଏ ଦିନ ସରେନା କର୍ତ୍ତବ୍ୟ
ସାରା ଜୀବନ ଟା ଲାଗଇ ନିଅଣ୍ଟ
ଯେତେ କରିଲେ ବି ରହିଯାଏ ବାକି
ଜୀବନ ଜଞ୍ଜାଳ ବିଷମ ନାମଟି ।।
ସରିଯାଏ ଦିନ କମେନାହିଁ ଅହଂ
ଜିଇଁବାର ସାଥେ ବଢେ ଅହରହ
ଈର୍ଷା ଦ୍ୱେଷର ଯେ ମନ ଗନ୍ତାଘର
ରହେ ଭରପୁର ଜୀବନ ଯାକର ।।
ସରିଯାଏ ଦିନ ଭଜେନାହିଁ ରାମ
ଜୀବନଟା ସାରା ଲାଗିରହେ କାମ
କାମନା ବାସନା ଲୋଡଇ ରସନା
ମୁକ୍ତି ପଥ କାହିଁ ଦୂରେ ବି ଦିଶେନା ।।
କେମିତି ଜୀବନେ ଦୂରେଇବ ମୋହ
ହେ ଗୌତମ ବୁଦ୍ଧ ଆଜି ଖୋଲି କୁହ
କାମନା ବାସନା ଯିବଟି ଦୂରେଇ
ସେ କଠିନ ସୂତ୍ର ଦେବଟି ବତେଇ ।।
ନୋହୁଁ ଆମେ ତୁମପରି ସ୍ଥିତପ୍ରଜ୍ଞ
ଆଶାର ମିନାର କରିବୁ ଉଲଂଘ
ଦିଏ ଶକ୍ତି ମନେ ଦିଅ ହେ ଆଶିଷ
ଜୟ କରିବାକୁ ଦୁର୍ବାର ସଂଘର୍ଷ ।।
ଲୋଭ ମୋହ ମାୟା ଲଭନ୍ତୁ ବିଳୟ
ଦିଅ ଆଜ ଦିନେ ସାମାନ୍ୟ ଅଭୟ
ତୁମରି କୃପାରେ ଲଂଘିବୁ ସାଗର
ହେଲେ ହେଉ ପଛେ
ଯେତେ ଭୟଙ୍କର ।।

ଭୁବନେଶ୍ୱର

## ଗାଁକୁ ସୁନ୍ଦର ନଡ଼ିଆ ଗଛ

*ସୁନୀଲ କୁମାର ପ୍ରଧାନ*



ଗାଆଁ ଆରମ୍ଭରେ ତାହାରି ଯେ ବାସ
ବହୁତ ଲମ୍ବ ଶରୀର
ତାହାରି ଶ୍ରୀଫଳ ସବୁରି ପୂଜାରେ
ଲାଗଇ ଭାଇ ସତ୍ୱର ।
ସରୁ ସରୁ ତାର ଅଟଇ ପତର
ଚେର ଲମ୍ବଇ ଦୂର
ସୁନ୍ଦର ଲାଗଇ ସେ ନଡ଼ିଆ ବୃ।
ରହିଥାଏ ପୁର ପୁର ।
ସେ ବୃ। ତଳରେ ପିଲାଏ ଲଗାନ୍ତି
ଚୋର ପୁଲିସର ଟ୍ରେଳ
ଗାଆଁ ଚନ୍ଦିନରେ ଦେଶ ରାଜନୀତି
ହୋଇଥାଏରେ କୁଶଳ ।
ଏ ଗଛ ଶିରେ କେତେ ନାନା ପ।।
କରିଛନ୍ତି ନିଜବାସ
ବର୍ଷାଝଡ଼ରା ତାଙ୍କୁ ବାଧା ଦିଏ ନାହିଁ
ରହିଛି ତାଙ୍କ ବିଶ୍ୱାସ ।
ବହୁବର୍ଷ ଯାଏଁ ଏ ଗଛ ବଞ୍ଚଇ
ଦିଏ ଫଳ ଆଉ ଜଳ
ଛପର ପାଇଁକି ବହଙ୍ଗା ଯୋଗାଏ
ପୂଜା ହୁଅଇ ଶ୍ରୀଫଳ ।
ଆସନ୍ତୁ ସମସ୍ତେ ଗଛ ଲଗାଇବା
ଦେବ ସିଏ ଅମ୍ଳଜାନ
ତାହାରି ଯତନ ଆମେ ସବୁ ନେଲେ
ରହିବ ସର୍ବଦା ମାନ ।

ଝାଟିପଦର,ପାଲୁର,ଗଞ୍ଜାମ
ମୋ: ୭୬୦୯୯୩୪୩୬୬

## ଜୀବନ ଜ୍ୟାମିତି

*ଆଦ୍ୟାଶା ମହାପାତ୍ର*



ସୁଖ ସାଉଁଟିଲି ଦୁଃଖ ସାଉଁଟିଲି
ଅନୁଭୂତି ଅରଜିଲି
ପ୍ରଶଂସା ପାଇଲି ନିନ୍ଦା ବି ପାଇଲି
ଦୁର୍ଗୁଣକୁ ବରଜିଲି ।
ଜୀବନ ସଉଦା କରିବାକୁ ଯାଇ
ଗଢ଼ିଅଛି ପରିବାର
ମୋ ସଂସାର ମୋତେ ଅଲୋଡା କରିଛି
ନୁହେଁ ବୋଲି ପାରିବାର
ଘର ଲୋକ ପର ଲୋକ ବୋଲୁଥାନ୍ତି
କିମ୍ବା ସୃଷ୍ଟି ସରଜିଲି ?
ଭାଗ୍ୟ ଯେଉଁଆଡ ? ଟାଣିଛି ଯାଇଛି
ଦଇବ ସାଜିଛି ଦାଉ
ମୋହରି କଥାକୁ କେହି ଶୁଣୁନାହିଁ
କହିବି କାହାକୁ ଆଉ
ଔଷଧ ବିକଳେ ଡାଟିଆ କାମୁଡି
ବିକଳରେ ଗରଜିଲି ।

ନିହଲ ପ୍ରସାଦ,ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩




## ଭାଇରଲ ଭିଡିଓ ତଦନ୍ତ ରିପୋର୍ଟ ସାର୍ବଜନୀନ ଓ ବିଜ୍ଞପ୍ତି ବାତିଲକୁ ନେଇ ବିଜେପି ପକ୍ଷ୍ୟରୁ ସାମ୍ବାଦିକ ସମ୍ମିଳନୀ

ଦର୍ପଣ,(ପିଏନ ):ବଡଚଣା ବ୍ଲକ ମିଶନ ଶକ୍ତି ନିଯୁକ୍ତି ଅନିୟମିତତା ଓ ଅର୍ଥ କାରବାର ଅଭିଯୋଗ ପରେ ସଭାନେତ୍ରୀ ଇସ୍ତଫା ଦେଇ ଥିଲେ। ଏହି ପରିପ୍ରେକ୍ଷିରେ ବଡଚଣା ବିଜେପି ପକ୍ଷରୁ ଚଣ୍ଡିଖୋଲ ଦଳୀୟ କାର୍ଯ୍ୟାଳୟ ଠାରେ ଶନିବାର ଦିନ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇ ଥିଲା। ବିଜେପି ରାଜ୍ୟ ସଂପାଦକ ଅମର ନାୟକ ଯୋଗଦେଇ ବଡଚଣା ବ୍ଲକ ଅଧିନରେ ଥିବା ମିଶନ ଶକ୍ତି ସଭାନେତ୍ରୀ ପଦବୀରେ ରହିଥିବା ସଭାନେତ୍ରୀ କେଉଁ ଆଧାରରେ ଆଠ ବର୍ଷ ହେବ ବଡଚଣା ବାହାର ଅଂଚଳ ମହିଳା ଅବସ୍ଥାପିତ ହୋଇଛନ୍ତି। ମିଶନ ଶକ୍ତି ଅଧିନରେ ୬୧ ଟି ସି ଆର ପି , ୫ ଟି ଏମ ବି କେ ଓ ୩ ଜଣ ବ୍ୟାଙ୍କ ମିତ୍ର ପଦବୀ ପାଇଁ ୨୩ ,୪,୨୦୨୩ ରିଖରେ ଲୁଚାଣିଆ ଭାବେ ବିଜ୍ଞାପନ କରାଯାଇଥିଲା।ବିଭିନ୍ନ ଗ୍ରାମ ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ କୌଣସି ସୂତ୍ରରୁ ଖବର ପାଇ ଆବେଦନ ପରେ ବି ସେମାନଙ୍କୁ ପ୍ରାପ୍ତି ସ୍ୱିକାର ପତ୍ର ପ୍ରଦାନ କରାଯାଇନଥିଲା। ଏହାର ପ୍ରତିବାଦରେ ବିଜେପି ମହିଳା ମୋର୍ଚ୍ଚାର ସମର୍ଥକ ଓ ଆବେଦନ କରିଥିବା ସଦସ୍ୟ ମାନେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏଥିରେ ବ୍ଲକର ବିଡିଓ ହସ୍ତକ୍ଷେପ କରି ଆବେଦନ କରିଥିବା ସମସ୍ତ ସଦସ୍ୟ ମାନଙ୍କୁ ଚାରିଦିନ ପରେ ପ୍ରାପ୍ତି ସ୍ୱିକାର ପତ୍ର ପ୍ରଦାନ କରିଥିଲେ। ପୂର୍ବରୁ ଏହି ପଦବୀ ଗୁଡିକ ନିଯୁକ୍ତି ପ୍ରକ୍ରିୟା ଓ ଏଲ ଏମ ପରିଚାଳନା କରୁଥିଲା ବେଳେ ଏବେ ଏହି ନିଯୁକ୍ତି ପ୍ରକ୍ରିୟାର ଦାୟୀତ୍ୱ ମିଶନ ଶକ୍ତି ସଭାନେତ୍ରୀ ଓ ସମ୍ପାଦକଙ୍କ ଉପରେ ନ୍ୟସ୍ତ କରାଯାଇଛି। ଯାହା ଫଳରେ ନିଯୁକ୍ତି ପ୍ରକ୍ରିୟାକୁ ବାଟମାରଣା କରି ନିଜ ଇଚ୍ଛାମୁତାବକ ମହିଳାଙ୍କୁ ରଖିବା ସହ ବ୍ୟାପକ ଅର୍ଥ କାରବାର ହୋଇଥିବା ଅଭିଯୋଗ ରହିଛି। କିଛିଦିନ ପୂର୍ବେ ମହିଳା ସଂଘର ସଭାନେତ୍ରୀ ଖୋଲାଖୋଲି ଭାବେ ବନ୍ତଳା ପଞ୍ଚାୟତର ଜନୈକ ମହିଳାଙ୍କ ଠାରୁ ନିଯୁକ୍ତି କରିବା ପାଇଁ ଟଙ୍କା ନେଉଥିବା ଭିଡିଓ ଭାଇରାଲ ହୋଇଥିଲା। ଏହା ପରେ ଆମ୍ଭେ ଜିଲ୍ଲାପାଳଙ୍କ ଦୃଷ୍ଟିପାତ କରିବା ସହ କାର୍ଯାନୁଷ୍ଠାନ ପାଇଁ ଦାବି କରିଥିଲୁ। ଜିଲ୍ଲାର ଏକ କମିଟି ବ୍ଲକ କାର୍ଯ୍ୟାଳୟ ଆସି ସଭାନେତ୍ରୀ,ଟଙ୍କା ଦେଇଥିବା ମହିଳା ଓ ଓ ଏଲ ମ କର୍ମଚାରୀଙ୍କ ଠାରୁ ତଥ୍ୟ ସଂଗ୍ରହ କରିଥିଲେ। ଘଟଣାରେ ସତ୍ୟତା ଥିବା ଉପଲବ୍ଧି କରି ଜିଲ୍ଲାପାଳଙ୍କୁ ପ୍ରଦାନ ପରେ କାର୍ଯାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ଖବର ଜାଣିବା ପରେ ଶ୍ରୀମତୀ ମହାପାତ୍ର ସିଡିପିଓଙ୍କ ନିକଟରେ ଆଗୁଆ ନିଜ ଇସ୍ତଫା ପ୍ରଦାନ କରିଥିଲେ। ଆମର ଦାବୀ ଏଭଳି ସଂଗିନ କାର୍ଯ୍ୟରେ ଲିପ୍ତ ମହିଳାଙ୍କ ବିରୋଧରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ସହ ବ୍ଲକ ପ୍ରଶାସନ ତାଙ୍କ ବିରୁଦ୍ଧରେ ଫୌଜଦାରୀ ମକଦ୍ଦମା ରୁଜୁ କରନ୍ତୁ। ପଞ୍ଚାୟତ ଓ ବ୍ଲକ ମିଶନ ଶକ୍ତି ପୁନଃ ଗଠନ କରାଯାଉ।ବେଆଇନ ଭାବେ ହୋଇଥିବା ସମସ୍ତ ନିଯୁକ୍ତି ବାତିଲ କରି ପୁନଃ ନିଯୁକ୍ତି ପ୍ରକ୍ରିୟା କରାଯାଉ। ଭାଇରଲ ଭିଡିଓ ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରିବାକୁ ବିଜେପି ନେତା ଅମର ନାୟକ ଦାବି କରିଛନ୍ତି . ଏଥିପାଇଁ ବିଜେପି ପକ୍ଷରୁ ବ୍ଲକ ବିଡିଓଙ୍କୁ ଏକ ଦାବିପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି। ତିନିଦିନ ମଧ୍ୟରେ ଯଦି ଆମ୍ଭର ଦାବିଗୁଡିକ ପ୍ରତି ଯଦି ଗୁରୁତ୍ୱ ଦିଆନଯାଏ ମହିଳା ମୋର୍ଚ୍ଚା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଆଗରେ ମଗଂଳବାର ଦିନ ଧାରଣା ଓ ପ୍ରତିବାଦ କରାଯିବ ବୋଲି ଜିଲ୍ଲା ସାଧାରଣ ସମ୍ପାଦକ ଦେବଯାନୀ ପ୍ରଧାନ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଂପାଦକ ପ୍ରମୋଦ ଜେନା,ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରୀତମ ନାୟକ ଓ ମଣ୍ଡଳ ସଭାପତି ଲଲାଟ କେଶରୀ ମହାପାତ୍ର ଉପସ୍ଥିତ ଥିଲେ।

## ଜିଲ୍ଲାରେ ରବି ଧାନ କିଣା ଆରମ୍ଭ : ଝଙ୍କାରପାଲି ପେକ୍ସରେ ଧାନ କିଣାର ଶୁଭାରମ୍ଭ କଲେ ଅତିରିକ୍ତ ଜିଲ୍ଲାପାଳ

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ଜିଲ୍ଲାରେ ରବି ୨୦୨୨-୨୩ ବର୍ଷ ପାଇଁ ଜିଲ୍ଲା ସ୍ତରୀୟ ଧାନ କ୍ରୟ କମିଟିର ନିଷ୍ପତି ଅନୁସାରେ ବଲାଙ୍ଗିର ଜିଲ୍ଲାରେ ଆଜି ଠାରୁ ରବି ଧାନ କିଣା ଆରମ୍ଭ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ ଆଜି ବଲାଙ୍ଗିର ଉପଖଣ୍ଡ ଅନ୍ତର୍ଗତ ଝାଙ୍କରପାଲି ପେକ୍ସରେ ରବି ଧାନ କିଣାର ଶୁଭାରମ୍ଭ କରିଛନ୍ତି । ବଲାଙ୍ଗିର ଜିଲ୍ଲାରେ ଚଳିତ ମଇ ମାସ ୨୬ ତାରିଖରୁ ୯୩ ଗୋଟି ପ୍ରାଥମିକ କୃଷି ସମବାୟ ସମିତି (ପେକ୍ସ )ଓ ୧୧ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଧାନ କ୍ରୟ କରାଯିବ ।

## ପିଡିଏସ ଚାଉଳ କାଟିବା ଘଟଣା : ଗ୍ରାମବାସୀଙ୍କ ଟାୟର ଜାଳି ରାସ୍ତାରୋକ

ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ବ୍ଲକ ମଲ୍ଲିପୁର ପଂଚାୟତ ରେ ପିଡିଏସ ଚାଉଳ ବଂଟନରେ ଅନିୟମିତତା ସଂପୃକ୍ତ ପଂଚାୟତ ନିର୍ବାହୀ ଅଧିକାରୀ(ପିଇଓ) ଗୋଲଖ ବିହାରୀ ଶୁକ୍ଳାଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ଦାବିରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଗୁରୁଜଙ୍ଗ-ହଳଦିଆ ମୁଖ୍ୟ ରାସ୍ତା ଗାଁ ଛକରେ ଟାୟର ଜାଳି ରାସ୍ତାରୋକ କରିଥିଲେ। ଫଳରେ ଉଭୟ ପଟୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଆଦର୍ଶ ଥାନା ପୋଲିସ ପହଂଚି ବୁଝାସୁଝା ପରେ ଧାରଣା ହଟିଥିଲା। ବିଡିଓ କ୍ଷିରାବ୍ଧି ତନୟା ସାହୁ ପଂଚାୟତ କାର୍ଯ୍ୟାଳୟରେ ପହଂଚି ଷ୍ଟକ ରେଜିଷ୍ଟାର ଯାଂଚ କରି ଫେରିଯାଇଥିଲେ। ବିଡିଓ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ପିଇଓ ଶୁକ୍ଲାଙ୍କ ଉପରେ ୩ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ବେଳେ ଗଡ ହଳଦିଆ ପିଇଓ ପ୍ରଶାନ୍ତ କୁମାର ଓଝାଙ୍କୁ ଚାଉଳ ବଂଟନ ଲାଗି ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ମିଳିଥିବା ସୂଚନା ପ୍ରକାରେ ଉକ୍ତ ପଂଚାୟତର ୩ରୁ ୪ମାସ ହେଲା ଚାଉଳ ହିତାଧିକାରୀ ପାଇନଥିଲେ। ପର୍ଯ୍ୟାୟ କ୍ରମେ ଗ୍ରାମବାସୀଙ୍କୁ ଚାଉଳ ବଂଟନ ଚାଲିଥିଲା। ଗୁରୁବାର ହିତାଧିକାରୀଙ୍କୁ ଚାଉଳ ଦିଆଯିବା ସମୟରେ ମୁଣ୍ଡ ପିଛା ଦେଢ କେଜି ଚାଉଳ କାଟିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଉତ୍ୟକ୍ତ ଗ୍ରାମବାସୀ ପିଇଓଙ୍କୁ ୫ଘଂଟା ଧରି କାର୍ଯ୍ୟାଳୟରେ ତାଲା ପକାଇ ରଖିଥିଲେ। ଖବରପାଇ ସ୍ଥାନୀୟ ସରପଂଚ ଏବଂ ପୋଲିସ ପହଂଚି ବୁଝାସୁଝା ପରେ ଗ୍ରାମବାସୀ ତାଙ୍କୁ ଛାଡିଥିଲେ। ଏନେଇ ସରଂପଚ ସେଠି କୁହନ୍ତି ଚାଉଳ କଟାଯିବାକୁ ନେଇ ଗ୍ରାମବାସୀଙ୍କ ଅସନ୍ତୋଷ ଖବରପାଇ ବିଡିଓଙ୍କୁ ଜଣାଇଛି। ଏନେଇ ବିଡିଓ କ୍ଷିରାବ୍ଧି ତନୟା ସାହୁ କୁହନ୍ତ ଚାଉଳ କଟାଯିବାକୁ କୌଣସି ନିୟମ ନାହିଁ। ଘଟଣା ସମ୍ପର୍କରେ ଖବରପାଇବା ପରେ ପିଇଓଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ପ୍ରମାଣିତ ହେଲେ କାର୍ଯ୍ୟନୁଷ୍ଠାନ ନିଆଯିବ।

## ବ୍ରହ୍ମକ୍ଷେତ୍ର ଘୋଷଯାତ୍ରାର ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ

ସାଲେପୁର, (ପି.ଏନ): ଜିଗ୍ନିପୁର ବ୍ରହ୍ମକ୍ଷେତ୍ର ପୀଠ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ଶ୍ରୀଗୁଣ୍ଡିଚା ଯାତ୍ରା ଆସନ୍ତା ଜୁନ୍ ୨୦ ତାରିଖରେ ଅନୁଷ୍ଠିତ ହେବ । ପବିତ୍ର ଅକ୍ଷୟତୃତୀୟା ତିଥିରେ ରଥ କାଠର ଅନୁକୂଳ କରାଯାଇଥିଲା ବେଳେ ଶୀତଳ ଷଷ୍ଠୀ ଅବସରରେ ରଥନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ବୁଧବାର ପ୍ରତ୍ୟୁଷରୁ ଶ୍ରୀଜୀଉଙ୍କ ନିକଟରେ ଯଥାରୀତି ପୂଜାର୍ଚ୍ଚନା ପୂର୍ବକ ମ୍ୟାନେଜିଂ ଟ୍ରଷ୍ଟୀ ଧୀରେନ୍ଦ୍ରନାଥ ବେହେରା ଓ ରଥ ନିର୍ମାଣର ମୁଖ୍ୟ କାରିଗର ଧ୍ରୁବ ଚରଣ ମହାରଣାଙ୍କ ଦ୍ୱାରା ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ ଆଣି ରଥ ଖଳାରେ ଅଧିଷ୍ଠିତ କରାଇଥିଲେ । ପରେ ହରିହର ମହାରଣା, ମହେନ୍ଦ୍ର ମହାରଣା, ସଞ୍ଜୟ ଦାସ ଏବଂ ସେମାନଙ୍କର ସହଯୋଗୀ ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ଚଳିତ ବର୍ଷ ରଥ ନିର୍ମାଣ ପାଇଁ ମ୍ୟାନେଜିଂ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆବଶ୍ୟକ ଥିବା ରଥର ଅଂଶବିଶେଷ ପାଇଁ ବିଭିନ୍ନ ପ୍ରକାର ନୂତନ କାଠ ମଧ୍ୟ ସଂଗ୍ରହ କରାଯାଇଛି । ଆସନ୍ତା ଜୁନ୍ ୪ ତାରିଖରେ ଦେବସ୍ନାନ ପୂର୍ଣ୍ଣମା ପଡୁଥିବାରୁ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରାଯିବା ପାଇଁ ନିଷ୍ପତି ନିଆଯାଇଛି । ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀ ଜୀଉ ସ୍ନାନ ମଣ୍ଡପରେ ଅଧିଷ୍ଠିତ ହୋଇ ପାରମ୍ପରିକ ନୀତିକାନ୍ତି କରାଯିବା ପରେ ୧୮ ତାରିଖ ପର୍ଯ୍ୟନ୍ତ ଅଣସର ଘରେ ଅବସ୍ଥାନ କରିବେ ।

## ଯୋଜନା ଏବଂ ସମନ୍ୱୟ ମନ୍ତ୍ରୀଙ୍କ ଦିନିକିଆ ମାଲକାନଗିରି ଗସ୍ତ

ମାଲକାନଗିରି, (ପି.ଏନ): ଯୋଜନା ଏବଂ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଆଜି ଦିନିକିଆ ମାଲକାନଗିରି ଜିଲ୍ଲା ଗସ୍ତ କରିଛନ୍ତି। ସେ ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଗୁଡିକର ସମୀକ୍ଷା କରିବା ନିମନ୍ତେ ଏହି ଗସ୍ତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାଂସଦ ନବରଙ୍ଗପୁର ରମେଶ ଚନ୍ଦ୍ର ମାଝୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ମାଲକାନଗିରି ଅଧ୍ୟକ୍ଷ ଆଡମା ରାବା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀମତୀ ସମାରୀ ଟାଙ୍ଗୁଲ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଜିଲ୍ଲାପାଳ ତଥା ସିଇଓ, ଜିଲ୍ଲା ପରିଷଦ ବିଶାଲ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ ଏବଂ ଅତିରିକ୍ତ ଜିଲ୍ଲାପାଳ କୋରାପୁଟ ରାମେଶ୍ୱର ପ୍ରଧାନ ମଂଚାସୀନ ଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଢୋଲକିଆ ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ( ଏସପିଏଫ୍) ଅଧୀନରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଉପରେ ସମୀକ୍ଷା କରିଛନ୍ତି ।ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସିଂ ସୂଚନା ଦେଇଥିଲେ ଯେ, ମାଲକାନଗିରି ଜିଲ୍ଲାରେ ୨୩ ଗୋଟି ମହାବିଦ୍ୟାଳୟ ପାଇଁ ୧୦ କୋଟି ୭୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ଜିଲ୍ଲାର ୭୪ ଗୋଟି ମନ୍ଦିରର ବିକାଶ ପାଇଁ ୧୪ କୋଟି ଟଙ୍କା ମଞ୍ଜୁର କରାଯାଇଛି। ନବରଙ୍ଗପୁର ଜିଲ୍ଲାର ୯୧ ଗୋଟି ପ୍ରକଳ୍ପ ପାଇଁ ୧୦ କୋଟି ୪୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ଏବଂ ୧୬ ଗୋଟି ମହାବିଦ୍ୟାଳୟ ଗୁଡିକର ଉନ୍ନୟନ ନିମନ୍ତେ ୧୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। କୋରାପୁଟ ଜିଲ୍ଲାର ୧୪୪ ଗୋଟି ପ୍ରକଳ୍ପ ପାଇଁ ୪୩ କୋଟି ୫୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ସୂଚନା ଥାଉ କି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଫାଇଭ-ଟି ସଚିବ ଭି.କେ. ପାଣ୍ଡିଆନ ମାଲକାନଗିରି ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସବୁ ସମୀକ୍ଷା କରିଛନ୍ତି ଏବଂ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଅଭିଯୋଗ ଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ମଧ୍ୟ ନିଆଯାଇଛି । ତେଣୁ ଜିଲ୍ଲା ତରଫରୁ ସମସ୍ତ ଉପସ୍ଥିତ ଜନ ପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।ଏହି ଅବସରରେ ବିଜୁଳି, ସଡ଼କ ଏବଂ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାମକୁ ତ୍ୱରାନିତ କରି କିଭଳି ଜିଲ୍ଲାର ବିକାଶ ହୋଇପାରିବ ସେଥି ନିମନ୍ତେ ସାଂସଦ ନବରଙ୍ଗପୁର ଶ୍ରୀ ମାଝୀ ଗୁରୁତ୍ୱାରୋପ କରିଥିଲେ। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ କରି ଅର୍ଥ ରାଶି ବିନିଯୋଗ କରିବାକୁ ସମସ୍ତ ଜନ ପ୍ରତିନିଧି ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ପରିଷଦର ସମସ୍ତ ପ୍ରତନିଧି, ଉପ ନିର୍ଦ୍ଦେଶକ, ଡିପିଏମୟୁ ଗୋଲକ ଦଳେଇ, ଡିପିଏମୟୁ ଓ ଜିଲ୍ଲା ପରିଷଦର ସମସ୍ତ କର୍ମଚାରୀ, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାର ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସାହୁ ବୈଠକରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଫାଇନାନ୍ସ କମ୍ପାନୀ ଏଜେଂଟଙ୍କ ଠାରୁ ୭.୨୮ ଲକ୍ଷ ଟଙ୍କା ଲୁଟ୍

ଖୋର୍ଦ୍ଧା,(ପି.ଏନ): ଶନିବାର ଅପରାହ୍ନ ସାଢେ ୩ଟା ସମୟରେ ଆଦର୍ଶ ଥାନା ସାମନ୍ତରାପୁର ବୁଡିବଗିଚା ଛକରୁ ଦୁଇଜଣ ବ୍ଲାକ ପଲସଧାରୀ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କ ଠାରୁ ୭ଲକ୍ଷ ଟଙ୍କା ୨୮ହଜାର ଟଙ୍କା ବ୍ୟାଗ ଝାମି ଆଖି ପିଛୁଳାକେ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ପହଂଚି ନିକଟ ଦୋକାନରେ ସିସିଟିଭି ଫୁଟେଜ ଯାଂଚ କରିଛି। କମ୍ପାନୀ କତୃପକ୍ଷଙ୍କ ଅଭିଯୋଗ କ୍ରମେ ପୋଲିସ ତନାଘନା ଆରମ୍ଭ କରିଛି। ସୂଚନା ପ୍ରକାରେ ନବୀନାବାଗ ସ୍ଥିତ ଏକ ଘରୋଇ ଫାଇନାନ୍ସ କମ୍ପାନୀ ସବୁଦିନ ପରି ସଂଗୃହିତ ଅର୍ଥ ବ୍ୟାଙ୍କରେ ଡିପୋଜିଟ ଲାଗି ଦୁଇଜଣ କର୍ମଚାରୀ ବ୍ୟାଗରେ ୭ଲକ୍ଷ ଟଙ୍କା ୨୮ହଜାର ଟଙ୍କା ଭର୍ତି କରି ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାକୁ ବାଇକରେ ଯାଉଥିଲେ। ଏହି ସମୟରେ ପଛପଟୁ ସେମାନଙ୍କୁ ପିଛା କରୁଥିଲେ ବ୍ଲାକ ପଲସରଧାରୀ ଯୁବକ ଦ୍ୱୟ। ତାଙ୍କ ବ୍ୟାଗ ଝାମ୍ପି ଖୋର୍ଦ୍ଧା ଟାଉନ ଆଡକୁ ଦୃତ ଗତିରେ ଚାଲିଯାଇଥିଲେ। ଏନେଇ କମ୍ପାନୀ ମ୍ୟାନେଜର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି।

## ବାଲେଶ୍ୱର ସହରର ବିଭିନ୍ନ ଛକରେ ଲାଗିଲା ସି ସି ଟିଭି କ୍ୟାମେରା

ବାଲେଶ୍ୱର,(ପି.ଏନ): ବାଲେଶ୍ୱର ସହରରେ ଟ୍ରାଫିକ ନିୟନ୍ତ୍ରଣ ଓ ଉନ୍ନତ ଟେକ୍ନୋଲୋଜି ସହାୟତା ରେ ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବ ସି ସି ଟିଭି କ୍ୟାମେରା। ସହରରେ ବିଭିନ୍ନ ଛକ ରେ ଥିବା ସି ସି ଟିଭି ବ୍ୟବସ୍ଥା କୁ ସୁଦୃଢ କରିବା ପାଇଁ ଜନସାଧାରଣ ଓ ପୁଲିସ ର ମିଳିତ ଉଦ୍ୟମରେ ଆରମ୍ଭ ହୋଇ ଥିବା ପ୍ରୋଜେକ୍ଟ ସହଜୋଗ। ଏହି ଯୋଜନା ଆରମ୍ଭ ହୋଇଥିବା ବେଳେ ପ୍ରାଥମିକ ପର୍ଯ୍ୟାୟରେ ୩୦ଟି ଛକ ରେ ସିସିଟିଭି ଲଗାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ସେହିଭଳି ଆଜି ବାଲେଶ୍ୱର ସହର ର ଗୋଲା ପୋଖୋରି ଛକ, ଏ ଡି ଏମ୍ ଛକ ଓ ସୁରଜ ଛକ ଠାରେ ସି ସି ଟିଭି କୁ ଲଗା ଯାଇଛି ।ସମସ୍ତ କ୍ୟାମେରା ଅପ୍ଟିକାଲ ଫାଇବର ନେଟୱର୍କ ଦ୍ୱାରା ପରିଚାଳିତ ହେଉଥିବା ଥିବା ବେଳେ ବାଲେଶ୍ୱର ପୁଲିସ ଟ୍ରାଫିକ ଥାନାରେ ଏହାର କଣ୍ଟ୍ରୋଲ ରୁମ୍ ରହିଛି। ଯାହାସହ ବାଲେଶ୍ୱର ସହର ର ୩୦ ଟି ଛକ ବ୍ୟତୀତ ଅନ୍ୟ ଯେଉଁ ସ୍ଥାନ ମାନଙ୍କରେ ପୁରୁଣା ସିସିଟିଭି ରହିଛି ସେଗୁଡ଼ିକୁ ସଜାଡି ଦିଆଯିବା ସହ ତାହାର ରକ୍ଷାଣବେକ୍ଷଣ ପାଇଁ ବ୍ୟବସ୍ଥା ମଧ୍ୟ କରାଯିବ ଓ ଏହି ସି ସି ଟିଭି ଲାଗିବ ଦ୍ୱାରା ପୋଲିସ ଅପରାଧିକ ଘଟଣା ରେ ପୋଲିସ କୁ ସଫଳତା ପାଇଛି ବୋଲି ଆଜି ଉଦ୍ଘାଟନୀ ଉତ୍ସବରେ ବାଲେଶ୍ୱର ଏସ ପି ସାଗରିକା ନାଥ ଯୋଗଦେଇ ସୂଚନା ଦେଇଥିଲେ।

## ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)-ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Bhubaneswar Sunday May 28, 2023 ଭୁବନେଶ୍ୱର ରବିବାର, ମଇ ୨୮,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ଉଦୀୟମାନ ଚେସ୍ ପ୍ରତିଭା ଆର୍ଯ୍ୟନଙ୍କୁ ସମ୍ବର୍ଦ୍ଧନା




ଦର୍ପଣ, (ପିଏନ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ହରିଦାସପୁର ସ୍ଥିତ ଗୁରୁକୁଳ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ପ୍ରଥମ ଖଗେଶ୍ୱର ବେହୁରିଆ ମୋମୋରିଆଲ ଅଲ ଓଡିଶା ଓପନ ଚେସ୍ ଟୁର୍ଣ୍ଣାମେଂଟ ଅବସରରେ ଉଦୀୟମାନ ଚେସ ପ୍ରତିଭା ଆର୍ଯ୍ୟନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ୧୧ ବର୍ଷୀରୁ କମ୍ ରାଜ୍ୟ ସ୍ତରୀୟ ଚେସ ଚାମ୍ପିଆନସିପରେ ଆର୍ଯ୍ୟନ ପ୍ରଥମସ୍ଥାନ ଅଧିକାର କରି ଜାତୀୟ ସ୍ତରରେ ଓଡିଶାରୁ ପ୍ରତିନିଧିତ୍ୱ କରିବା ପାଇଁ ମୋନନୀତ ହୋଇଥିଲେ। ନିକଟ ଅତିତରେ ଅନୁଷ୍ଠିତ ହୋଇଥିବା ବୃନ୍ଦାବନ ଇଂଟରନେସନାଲ ଚେସ ଫେଷ୍ଟିଭାଲରେ ନିଜ ବର୍ଷରେ ସେ ଦ୍ୱିତୀୟସ୍ଥାନ ଅଧିକାର କରି ନଗଦ ୫୦ହଜାର ଅର୍ଥରାଶି ସହିତ ଟ୍ରଫି ଏବଂ ମାନପତ୍ର ପାଇଥିଲେ। ଚେସ ଖେଳ ସହିତ ସେ ଜଣେ କୃତି ଛାତ୍ର ଅଟନ୍ତି। ଭୂବନେଶ୍ୱର ୮ନମ୍ବର ଡିଏଭି ପବ୍ଲିକ ସ୍କୁଲରେ ଅନୁଷ୍ଠିତ ଆବାକସ ଏରିଥମେଟିକ ଜିନିୟସ କଣ୍ଟେଷ୍ଟ୍ ରେ ଭାଗନେଇ ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଥିସହିତ ବିଭିନ୍ନ ଅଲମ୍ପିଆନରେ ଭାଗ ନେଇ ସେ ୨୦ରୁ ଅଧିକ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେ ଗଡମଧୁପୁର ରଗଡପଶୀ ନିବାସୀ ଓଡିଶା ସ୍ଥାନୀୟ ପାଣି ସମୀକ୍ଷା ଅଧିକ୍ଷକ ଜଗନ୍ନାଥ ବେହେରା ଏବଂ ବିନିଦ୍ର ରଜନୀ ଦାସଙ୍କ ସୁଯୋଗ୍ୟ ସନ୍ତାନ ହୋଇଥିବା ବେଳେ ବର୍ତ୍ତମାନ ସେ ଯାଜପୁର ରୋଡସ୍ଥିତ ସେଂଟ ମେରୀ ସ୍କୁଲରେ ୬ଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି।

# ପିସିସି ପକ୍ଷରୁ ପଣ୍ଡିତ ଜବାହରଲାଲ ନେହେରୁଙ୍କର ଶ୍ରାଦ୍ଧ ଦିବସ ପାଳିତ



ଭୁବନେଶ୍ୱର ,(ପି.ଏନ): ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କର ଶ୍ରାଦ୍ଧ ଦିବସ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ମାଷ୍ଟରକ୍ୟାଂଟିନ ଛକ ନେହେରୁ ପାର୍କରେ ଥିବା ପଣ୍ଡିତ ନେହେରୁଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ଥିବା ନେହେରୁଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସ୍ୱର୍ଗତ ନେହେରୁ ଭାରତର ସ୍ୱାଧୀନତା ଆନ୍ଦୋଳନରେ ନିଜକୁ ଉତ୍ସର୍ଗ କରିଦେଇଥିଲେ। ପଣ୍ଡିତ ନେହେରୁ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ଦାୟୀତ୍ୱ ନେଇ ଭାରତ କିପରି ଏକ ସ୍ୱାବଲମ୍ବି ରାଷ୍ଟ୍ର ହୋଇପାରିବ ସେ ଦିଗରେ ସେ ବହୁପଦକ୍ଷେପ ଗ୍ରହଣ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ପୂର୍ବତନ ପିସିସି ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ, ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ, କଂଗ୍ରେସ କର୍ମକର୍ତ୍ତା ସର୍ବଶ୍ରୀ ଶିବାନନ୍ଦ ରାୟ, ଡ. ଲଲାଟେନ୍ଦୁ ମହାପାତ୍ର, ଚିତରନ ଷଡ଼ଙ୍ଗୀ, କିଶୋର ଜେନା, ଚିନ୍ମୟ ସୁନ୍ଦର ଦାସ, ମନୋରନ ଦାଶ, ରଜନୀ ମହାନ୍ତି, ମାନସ ଆଚାର୍ଯ୍ୟ, ପ୍ରକାଶ ମିଶ୍ର, ଶ୍ରୀନିବାସ ରାଉତରାୟ, ତରୁଣ ମିଶ୍ର, ରବିନ୍ଦ୍ର ମହାପାତ୍ର, ମୋତିଲାଲ ଦାଶ, ଲିଙ୍ଗରାଜ ସାହୁ, ଜ୍ୟୋତିଷ ସାହୁ, ପ୍ରଭାତ ପ୍ରତାପ ସିଂ, ଶିଳ୍ପିଶ୍ରୀ ହରିଚନ୍ଦନ, ମଧୁସ୍ମିତା ପରିଡ଼ା, ଶ୍ରୀୟାସ୍ମିତା ପଣ୍ଡା, ସତ୍ୟବ୍ରତ ନାୟକ, ଜୟକୃଷ୍ଣ ସୁବୁଦ୍ଧି, ଦେବେନ୍ଦ୍ର ମହାନ୍ତି, ଦୁଷ୍ମନ୍ତ ମେହେର, ସୁଧାଂଶୁ ମହାନ୍ତି, ପ୍ରଶନ୍ନ ନାୟକ, କୁଳମଣି ସାହୁ, ଖଗେଶ୍ୱର ମଲ୍ଲିକ, ବିନୋଦ ପାଣି, ସଂଜୀବ ମହାନ୍ତି, ସଂଜୟ ମିଶ୍ର, ଲାଲ ମେହେର ପ୍ରମୁଖ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ପ୍ରଧାନ ଶିକ୍ଷୟତ୍ରିଙ୍କୁ ବିଦାୟୀ କାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ



ଦର୍ପଣ,(ପି.ଏନ.):ଚଣ୍ଡିଖୋଲ ଛକ ସନ୍ନିକଟ ଗାନ୍ଧୀଛକ ଠାରେ ମା ଯଶୋଦା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମମତା ମହାପାତ୍ରଙ୍କୁ ବିଦାୟ କାଳିନ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟର ସଂପାଦକ ତଥା ପ୍ରତିଷ୍ଠାତା ଡ.ପ୍ରିୟନାଥ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଦର୍ମଶାଳା ବ୍ଲକ ଶିକ୍ଷାଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି ମୁଖ୍ୟବକ୍ତା ଭାବେ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗନ୍ନାଥ ପଣ୍ଡା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ବିଶ୍ୱନାଥ ଦାସ,ମା ଯଶୋଦା ଉଚ୍ଚ ବିଦ୍ୟାଳୟର ସଭାପତି ଅଧାପକ ବିଜୟ କେତନ ସାମଲ, ରାଜ୍ୟ ଶିକ୍ଷକ ନେତା ପ୍ରାଧାପକ ପବିତ୍ର ମାହାଲା,ଅବସରପ୍ରାପତ୍ର ଅଧ୍ୟକ୍ଷା ଉମେଶ ଚନ୍ଦ୍ର ରାଉତ, ଶିକ୍ଷାବିତ ବ୍ରହ୍ମାନନ୍ଦ ଦାଶ, ଆଇନଜୀବୀ ଦେବରାଜ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ସାମନ୍ତରାୟ,ବାବା ଭୈରାବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ.କେଦାରନାଥ ଦାସ, ବୀଣାପାଣି କଳାପୀଠର ଅଧ୍ୟକ୍ଷ ବିପିନ ବିହାରୀ ସ୍ୱାଇଂ, ସରପଂଚ କ୍ଷତିଶ ନାରାୟଣ ମିଶ୍ର, ସମିତିସଭ୍ୟ ଅରୁପାନନ୍ଦ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବୀଣାପାଣି କଳାପୀଠ ପକ୍ଷରୁ ସ୍ୱାଗତ ସଙ୍ଗୀତ ଓ ବିଦାୟୀକାଳୀନ ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମହାପାତ୍ର ଦୀର୍ଘ ୩୫ ବର୍ଷ ଧରି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାଦାନ ଦେଇ ଛାତ୍ରବତ୍ସଳ ହୋଇପାରିଥିଲେ। ସେ ବିଦ୍ୟାଳୟଟିକୁ ଡ.ମହାପାତ୍ର ଗଠନ କରିଥିଲେ ହେଁ ବହୁ ଘାତ ପ୍ରତିଘାତ ମଧ୍ୟରେ ସମସ୍ତ ଶିକ୍ଷୟତ୍ରୀ ସ୍କୁଲକୁ ପଳାଇଆସିଥିଲେ। ପ୍ରଧାନ ଶିକ୍ଷୟତ୍ରିଙ୍କର ସ୍ନେହ ମମତା ଓ ଭାବ ଯୋଗୁ ବିଦ୍ୟାଳୟର ସମସ୍ତ ଅଭିଭାବକ ମାନଙ୍କର ପ୍ରିୟପାତ୍ର ହୋଇ ସୁନାମ ଅର୍ଜନ କରିଥିଲେବୋଲି ଅତିଥି ମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବିଦ୍ୟାୟଳରୁ ଅବସର ନେଇଥିବାରୁ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମହାପାତ୍ର ଓ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. କେଦାନାଥ ଦାଶଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ସିକ୍ଷୟତ୍ରି ଶ୍ରୀମତୀ ଭାରତୀ ପ୍ରସନ୍ନା ନାୟକ ସକସ୍ତ ଅତିଥି ଓ ଯୋଗ ଦେଇଥିବା ଶୈକ୍ଷାବିତ ସମାଜସେବୀ ଓ ଛାତ୍ରଛାତ୍ରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏ-୧ ଗ୍ରେଡ୍ ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା; ବାଇଶମୌଜା ଧନଞ୍ଜୀନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶତ ପ୍ରତିଶତ ସଫଳତା




ଦର୍ପଣ, (ପିଏନ) ବଡଚଣା ଶିକ୍ଷା ମଣ୍ଡଳସ୍ଥିତ ଅରଖପୁର ସ୍ଥିତ ବାଇଶିମୌଜା ଧନଞ୍ଜନ ସରକାରୀ ଉଚ୍ଚବିଦ୍ୟାଳୟ ଚଳିତ ମେଟ୍ରିକ୍ ପରୀକ୍ଷାରେ ଶତପ୍ରତିଶତ ସଫଳତା ଅର୍ଜନ କରିଛି। ଏହି ବିଦ୍ୟାଳୟରେ ୩ଜଣ ଛାତ୍ରୀ ଏ୧ ଗ୍ରେଡ୍ ରେ ଉର୍ତ୍ତିନ ହୋଇଛନ୍ତି। ଛାତ୍ରୀ ପ୍ରିତୀମୟୀ ସାହୁ ମୋଟ ୫୫୧ମାର୍କ ଅର୍ପିତା ଦାସ ୫୪୧ ମାର୍କ , ସମୀକ୍ଷା ସାହୁ ୫୪୧ ମାର୍କ ରଖି ବିଦ୍ୟାଳୟ ଟପର ହୋଇଛନ୍ତି। ସେହିପରି ବିଦ୍ୟାଳୟରେ ୧୧ଜଣ ଛାତ୍ରଛାତ୍ରୀ ଏ-୨ ଗ୍ରେଡ୍‌ରେ ଏବଂ ଅନ୍ୟ ସମସ୍ତ ଛାତ୍ରଛତ୍ରୀ ବି-୧ ଏବଂ ବି-୨ ଗ୍ରେଡ୍‌ରେ ପାସ କରିଛନ୍ତି। ଯାହା ଫଳରେ ବିଦ୍ୟାଳୟଟି ଶତପ୍ରତିଶତ ପାସ ହାର ଲାଭ କରିଛି। ଏହି ଉପଲକ୍ଷେ ଆଜି ବିଦ୍ୟାଳୟ ପକ୍ଷରୁ କୃତିତ୍ୱ ଅର୍ଜନ କରିଥିବା ୩ଜଣ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅପର୍ଣ୍ଣା କର ଛାତ୍ରୀ ମାନଙ୍କୁ ଫୁଲତୋଡା, ମାନପତ୍ର ଏବଂ ଉପଢ୍ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର ଆଗମୀ ଜୀବନ ଶରସ ସୁନ୍ଦର ହେବା ସହିତ ତାଙ୍କୁ ଆର୍ଶିବାଦ ପ୍ରଦାନ କରିଥିଲେ। ଏହି ଉପଲକ୍ଷ ବିଦ୍ୟାଳୟରେ ଟୁଟୁ ସାହୁ, ଅର୍ପିତା ପଟ୍ଟନାୟକ, ପରିଣୀତା ପ୍ରହରାଜ, ନମିତା ସାମଲ, ତାରାତାରୀଣି ପତି, ରୋଜାଲିନ୍ ଧଳ, ବିଜୟନ୍ତୀ ରାଉଳ, ବିଭୂତି ଭୁଷଣ ତରାଇ, ଲଳିତ ମୋହନ ପ୍ରଧାନ, ସୁଶାନ୍ତ କୁମାର ଧଳ, କବିତା ସେଠୀ ଶିକ୍ଷକ ଶିକ୍ଷୟତ୍ରୀ, ବିଦ୍ୟାଳୟ କର୍ମଚାରୀ ନିମାଇଁ ଚରଣ ସାହୁ, ବିଦୁର କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଜାରକାସ୍ଥିତ ସରୋଜୀନି ସ୍ମୃତି ସଂସଦ ଦ୍ୱାରା ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସ ପକ୍ଷରୁ ନୂଆ ଡେବ୍ଟ ଫଣ୍ଡର ଶୁଭାରମ୍ଭ

ରାଉରକେଲା,(ପି.ଏନ): ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସ ପକ୍ଷରୁ ଗତ ସୋମବାର ଏକ ଡେବ୍ଟ ଫଣ୍ଡ ବା ଋଣ ପାଣ୍ଠିର ଶୁଭାରମ୍ଭ କରାଯାଇଛି । ଏହା ଗ୍ରାହକଙ୍କୁ ବର୍ତମାନର ଉଚ୍ଚ ସୁଧ ହାରରେ ନିଜର ନିବେଶଗୁଡିକୁ ଲକ୍-ଇନ୍ ରଖିବା, ଦୀର୍ଘାବଧି ସମ୍ପତି ସୃଷ୍ଟି କରିବା ଓ ନିଜର ଆର୍ଥିକ ଲକ୍ଷ୍ୟଗୁଡିକୁ ହାସଲ କରିବା ପାଇଁ ସକ୍ଷମ କରିବ। ପ୍ରଚଳିତ ସୁଧ ହାର ନିୟମ ଗ୍ରାହକଙ୍କୁ ନୂଆ ଡେବ୍ଟ ଫଣ୍ଡ- ଆଇସିଆଇସିଆଇ ପ୍ରୁ କନ୍‌ଷ୍ଟାଂଟ୍ ମାଚ୍ୟୁରିଟି ଫଣ୍ଡରେ ନିବେଶ କରିବା ପାଇଁ ଏକ ଚମତ୍କାର ସୁଯୋଗ ଦେଉଛି, ଏହା ହେଉଛି ଜୀବନ ବୀମା ବଜାରରେ ଏଭଳି ପ୍ରଥମ ଧରଣର ଫଣ୍ଡ୍। ସୁଧ ହାର ସର୍ବୋଚ୍ଚ ସ୍ତରରେ ରହିବା ସହିତ, ସୁଧ ହାରରେ କୌଣସି ପ୍ରକାରର ହ୍ରାସ ଡେବ୍ଟ ଇନଷ୍ଟ୍ରୁମେଂଟ୍‌ଗୁଡିକୁ ଗ୍ରାହକଙ୍କ ପାଇଁ ଏକ ନିବେଶ ବିକଳ୍ପ ଭାବେ ଆକର୍ଷଣୀୟ କରିଥାଏ। ଏହି ଫଣ୍ଡ୍ ନିବେଶକ ପାଇଁ କମ୍ପାନୀର ଫ୍ଲାଗସିପ୍ ୟୁନିଟ୍ ଲିଙ୍କ୍‌ଡ ଇନ୍ସୁରାନ୍ସ ପ୍ଲାନ୍ (ୟୁଏଲ୍‌ଆଇପି) ସହ ଉପଲବ୍ଧ ରହିଛି। ୟୁଏଲ୍‌ଆଇପି ଗ୍ରାହକଙ୍କୁ ଲାଇଫ୍ କଭରର ସ୍ୱତନ୍ତ୍ର ପ୍ରସ୍ତାବ, ପରିବାର ପାଇଁ ଆର୍ଥିକ ସୁରକ୍ଷା ଓ ଦୀର୍ଘାବଧିରେ ସମ୍ପତି ସୃଷ୍ଟି କରିବା ସୁବିଧା ଦେଇଥାଏ। ଆଇସିଆଇସିଆଇ ପ୍ରୁ କନ୍‌ଷ୍ଟାଂଟ୍ ମାଚ୍ୟୁରିଟି ଫଣ୍ଡ୍ ମେ' ୧୫ ତାରିଖ ୨୦୨୩ରୁ ୟୁନିଟ୍ ଲିଙ୍କ୍‌ଡ ପ୍ରଡକ୍ଟଗୁଡିକ ସହ ଉପଲବ୍ଧ ରହିଛି। ୟୁଏଲ୍‌ଆଇପିରେ ନିବେଶ ଟିକସ ଲାଭ ପ୍ରଦାନ କରିଥାଏ। ଯଦି ବାର୍ଷିକ ୨.୫ ଲକ୍ଷ ଟଙ୍କା ପର୍ଯ୍ୟ' ନିବେଶ କରାଯାଇଛି ଏବଂ ବାର୍ଷିକ ପ୍ରିମିୟମଠାରୁ ଲାଇଫ୍ କଭର୍ ୧୦ ଗୁଣ ଅଧିକ ରହିଛି ତେବେ ମାଚ୍ୟୁରିଟି ପ୍ରକ୍ରିୟାଗୁଡିକ ଗ୍ରାହକଙ୍କ ପାଇଁ ଟିକସମୁକ୍ତ ହେବ। ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସର ଫିକ୍ସଡ୍ ଇନ୍‌କମ୍ ବିଭାଗ ମୁଖ୍ୟ ଅରୁଣ ଶ୍ରୀନିବାସନ କହିଛନ୍ତି ଯେ, 'ଆମେ ଏଭଳି ଏକ ସ୍ୱତନ୍ତ୍ର ଡେବ୍ଟ ଫଣ୍ଡ ଶୁଭାରମ୍ଭ କରି ଉତ୍ସାହିତ ରହିଛୁ ଯାହା ଆମକୁ ଫିକ୍ସଡ୍ ଇନ୍‌କମ୍ ୟୁଏଲ୍‌ଆଇପି କ୍ଷେତ୍ରରେ ଏଭଳି ଏକ ଫଣ୍ଡ ପ୍ରଦାନ କରୁଥିବା ଦେଶର ପ୍ରଥମ ବୀମା କମ୍ପାନୀରେ ପରିଣତ କରୁଛି। ସୁଧ ହାର ଚକ୍ର ଶୀର୍ଷ ସ୍ତରର ନିକଟବର୍ତ୍ତୀ ହେବା ସହିତ ଗ୍ରାହକଙ୍କ ପାଇଁ ଆଇସିଆଇସିଆଇ ପ୍ରୁ କନ୍‌ଷ୍ଟାଂଟ୍ ମାଚ୍ୟୁରିଟି ଫଣ୍ଡରେ ନିବେଶ କରିବା ଲାଗି ଏହା ଏକ ଉନ୍ନତ ସୁଯୋଗ ଅଟେ।'




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray